
ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 28 | 14 - 20 July 2024 | Sambalpur | Pages- 8 | Invitation Price Rs.10

# ଲୋକଙ୍କ ହୃଦୟରେ ଏବେବି ନବୀନ: ସମସ୍ତଙ୍କର ସମ୍ମାନର ପାତ୍ର



ପୁରୀ: ରାଜନୀତି କେବଳ କ୍ଷମତା ପାଇଁ ନୁହେଁ । ଜଣେ ଶାସନ କ୍ଷମତାରେ ଥାଆନ୍ତୁ କିମ୍ବା ନଥାଆନ୍ତୁ, ରାଜନୀତିରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ସମ୍ଭ୍ରମତା ରହିଛି ତାହା ରଥଯାତ୍ରାରେ ଦେଖିବାକୁ ମିଳିଛି । ନିର୍ବାଚନ ରାଜନୀତିରେ ସେ ପରାସ୍ତ ହୋଇଛନ୍ତି ସତ । ଦଳ ହାରି ଯାଇଥିବାରୁ ସେ ଶାସନ ଗାଦିରୁ ହଟିଛନ୍ତି । କିନ୍ତୁ ଲୋକଙ୍କ ହୃଦୟରୁ ଓ ନେତୃତ୍ୱ-ବ୍ୟକ୍ତିତ୍ୱରୁ ସେ ଅପସରି ନାହାନ୍ତି । ତାଙ୍କୁ ଦେଖି ଆଜି ବି ଲୋକଙ୍କ ଭିଡ ଆକର୍ଷିତ ହେଉଛି । ଦଳମତ ନିର୍ବିଶେଷରେ ନେତାମାନେ ସମ୍ମାନ ଦେବାକୁ ଛିଡା ହେଉଛନ୍ତି । ସେ ହେଉଛନ୍ତି ନବୀନ ପଟ୍ଟନାୟକ । ଏଥର ପ୍ରଥମ ଥର ଥିଲା ଯେ, ସେ ମୁଖ୍ୟମନ୍ତ୍ରୀ ନ ଥାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଦେଖିବାକୁ ବଡ଼ଦାଣ୍ଡକୁ ଦୌଡି ଯାଇଥିଲେ । ବିରୋଧୀ ଦଳ ନେତା ଭାବରେ ମଧ ନୁହେଁ, ମହାପ୍ରଭୁଙ୍କର ଅନନ୍ୟ ଭକ୍ତ ଭାବରେ ରଥ ଉପରେ ଠାକୁରଙ୍କୁ ଦେଖିବା ପାଇଁ ସେ ଯାଇଥିଲେ । ବଡ଼ ଦାଣ୍ଡରେ ଠାକୁରଙ୍କୁ ଦର୍ଶନ କରି ଫେରି ଆସିବାର କାର୍ଯ୍ୟକ୍ରମ ଥିଲା । ବଡ଼ ଦାଣ୍ଡରେ ହୋଇଥିବା ମଞ୍ଚରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ ବସି ରଥଯାତ୍ରା ଦେଖୁଥିଲେ । ଏହି ସମୟରେ ରଥ ଦେଖିବାକୁ ଆସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ ପହଞ୍ଚିଥିଲେ । ସେ ରାଷ୍ଟ୍ରପତିଙ୍କୁ ଦେଖି ମଞ୍ଚ ତଳେ ଠିଆ ହୋଇ ନମସ୍କାର ଜଣାଇଥିଲେ । ମଞ୍ଚ ଉପରେ ଥିବା ରାଷ୍ଟ୍ରପତି ଓ ଅନ୍ୟ ନେତାମାନେ ମଧ ଠିଆ ହୋଇ ନବୀନଙ୍କୁ ପ୍ରତି ନମସ୍କାର ଜଣାଇଥିଲେ । ଏହି ସମୟରେ ମଞ୍ଚରେ ଥିବା ରାଜ୍ୟପାଳ ରଘୁବର ଦାସ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ କିଛି ଠାରି ଦେଇଥିଲେ । ଶ୍ରୀ ପ୍ରଧାନ ତୁରନ୍ତ ତଳକୁ ଯାଇ ନବୀନଙ୍କ ନିକଟରେ ପହଞ୍ଚି ତାଙ୍କୁ ମଞ୍ଚକୁ ଆସିବାକୁ ନିମନ୍ତ୍ରଣ କରିଥିଲେ । ଏଥିସହ ସେ ନବୀନଙ୍କ ହାତଧରି ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ମଞ୍ଚରେ ରାଷ୍ଟ୍ରପତି ତାଙ୍କୁ ସ୍ୱାଗତ କରିଥିଲେ । କେବଳ ସେତିକି ନୁହେଁ, ଧର୍ମେନ୍ଦ୍ର ନିଜ ଚେୟାର୍ ଛାଡ଼ି ଦେଇଥିଲେ । ରାଜ୍ୟପାଳଙ୍କ ନିକଟରେ ବସି ନବୀନ ରଥଯାତ୍ରା ଦେଖିଥିଲେ । ମଞ୍ଚରେ ସେ ୧୫ ମିନିଟ୍ ଅଧିକ ସମୟ ରହିଥିଲେ । ଏହି ସମୟ ମଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ'କୁ ଅନ୍ୟ ଅତିଥିମାନଙ୍କ ସହ ମିଶି ଉନ୍ମୋଚନ କରିଥିଲେ । ସେଠାରେ ଉପସ୍ଥିତ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଆମ ନେତୃବୃନ୍ଦମାନେ କିଭଳି ପରସ୍ପରକୁ ସମ୍ମାନ ଓ ଶିଷ୍ଟାଚାରିତାରେ ଉଦାହରଣ ସୃଷ୍ଟି କରିପାରନ୍ତି ତାହା ଉଭୟ ଦଳର ନେତୃବୃନ୍ଦ ଦେଖାଇ ଥିଲେ । ରାଜନୀତିରେ ପ୍ରତିଦ୍ୱନ୍ଦୀ ନେତାମାନଙ୍କ ଭିତରେ ଏଭଳି ଭ୍ରାତୃଭାବ ଓ ସମ୍ମାନବୋଧ ଦେଖଣାହାରିଙ୍କୁ ଭାବବିହ୍ୱଳ କରିଥିଲା ।

## ବଜେଟ୍ ପୂର୍ବରୁ ଅର୍ଥନୀତିଜ୍ଞମାନଙ୍କୁ ଭେଟିଲେ ମୋଦି

ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ୨୩ ତାରିଖରେ ମୋଦି ୩.୦ ସରକାରଙ୍କ ପ୍ରଥମ ବଜେଟ୍‌କୁ ଉପସ୍ଥାପନ କରିବେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅର୍ଥନୀତିଜ୍ଞମାନଙ୍କୁ ଭେଟିଛନ୍ତି । ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ନୀତି



ଆୟୋଗ ଉପାଧ୍ୟକ୍ଷ ସୁମନ୍ ବେରି, ଯୋଜନା ମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ୍ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର, ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା ଏବଂ ଅଶୋକ ଗୁଲାଟି ଓ ଭେଟେରାନ ବ୍ୟାଙ୍କର କେ. ଭି. କାମାଥ ପ୍ରମୁଖ ଯୋଗ ଦେଇଥିଲେ । ପରାମର୍ଶ ଦେବା ପାଇଁ ୧୦ ଅଂଶୀଦାର ଗ୍ରୁପ୍‌ରେ ୧୨୦ରୁ ଅଧିକ ପ୍ରତିନିଧିଙ୍କୁ ଡକାଯାଇଥିଲା । ଏଥିରେ ପୂର୍ବତନ ସଂଘ ଏବଂ କୃଷି ଅର୍ଥନୀତିଜ୍ଞ ଓ ବିଶେଷଜ୍ଞମାନଙ୍କ ସହିତ ଶ୍ରମିକ ସଂଘ, ଶିକ୍ଷା ଏବଂ କୃଷି କ୍ଷେତ୍ର, ନିଯୁକ୍ତି ଓ ଦକ୍ଷତା ବିକାଶ, ଏମ୍‌ଏସ୍‌ଏମ୍, ବାଣିଜ୍ୟ ଏବଂ ସେବା, ଶିଳ୍ପ, ବିତ୍ତୀୟ କ୍ଷେତ୍ର ଏବଂ ପୁଞ୍ଜି ବଜାର, ଭିତ୍ତିଭୂମି, ଶକ୍ତି ଏବଂ ସହରାଞ୍ଚଳ କ୍ଷେତ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ପ୍ରକାଶଯୋଗ୍ୟ, ସଂସଦର ବଜେଟ୍ ଅଧିବେଶନ ଜୁଲାଇ ୨୨ରେ ଆରମ୍ଭ ହେଉଛି ଏବଂ ଜୁଲାଇ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ କେନ୍ଦ୍ରୀୟ ବଜେଟ୍‌କୁ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ଏହା ପ୍ରଥମ ବଜେଟ୍ ।

## ରୁଷର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଭାରତ-ରୁଷ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ତାଙ୍କର ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର "ଦ ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରିୟୁ ଦ ଆପୋଷ୍ଟଲ'ରେ ସମ୍ମାନିତ କରାଯାଇଛି । କ୍ରେମଲିନର ସେଣ୍ଟ ଆଣ୍ଡ୍ରିୟୁ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରୁଷ ରାଷ୍ଟ୍ରପତି ଶ୍ରୀ ଭ୍ଲାଦିମିର ପୁତିନ ଏହି ପୁରସ୍କାର ପ୍ରଦାନ କରିଥିଲେ । ୨୦୧୯ରେ ଏହି ପୁରସ୍କାର ଘୋଷଣା କରାଯାଇଥିଲା ଓ ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଭାରତବାସୀ ଏବଂ ଭାରତ ଓ ରୁଷ୍ ମଧରେ ଥିବା ପାରମ୍ପରିକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଉତ୍ସର୍ଗ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଏହି ସମ୍ମାନ ଦୁଇ ଦେଶ ମଧରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ରଣନୀତିକ ଭାଗିଦାରୀକୁ ପ୍ରଦର୍ଶିତ କରୁଛି । ୩୦୦ ବର୍ଷ ପୂର୍ବେ ଏହି ପୁରସ୍କାର ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଭାରତୀୟ ନେତା ଭାବେ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

## ନୀଳାଦ୍ରୀଶ ଜଗନ୍ନାଥଙ୍କ ଲୀଳା ହେଉଛି ଆଶ୍ଚର୍ଯ୍ୟ ଓ ଆନନ୍ଦର ଚିରନ୍ତନ ଧାରା





ଭୁବନେଶ୍ୱର: ଭକ୍ତକୁ ଆଶ୍ଚର୍ଯ୍ୟମୟ- ଲୀଳାରେ ଆନନ୍ଦ ବିତରଣ କରିବା ସହିତ ବିଶ୍ୱଚେତନାତ୍ମକ- ଲୋକଶିକ୍ଷା ପ୍ରଦାନ କରିବାରେ ସେହି କୋଟି ଜଗତର ନାଥ ନୀଳାଦ୍ରୀଶ ସତତ ଧୁରନ୍ଧର । ତାଙ୍କ ଲୀଳା ହେଉଛି ଆଶ୍ଚର୍ଯ୍ୟ ଓ ଆନନ୍ଦର ଚିରନ୍ତନ ଧାରା ବୋଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜ ଭାରତୀ' ପକ୍ଷରୁ ଆୟୋଜିତ ହୋଇ ଶ୍ରୀଜଗନ୍ନାଥ ଚେତନା ଆଧାରିତ ସ୍ୱତନ୍ତ୍ର ଭାକ୍ତିକ ସଷ୍ଟ 'ଲୀଳାମୟ ନୀଳାଦ୍ରୀଶ' ଅବସରରେ ବିଶିଷ୍ଟବକ୍ତାମାନେ ମତ ପ୍ରକାଶ କରିଛନ୍ତି ।

ଏହି ସଭାରେ ଉଦ୍‌ଘାଟକ ଭାବରେ ଯୋଗଦେଇ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଶା ଉଚ୍ଚନ୍ୟାୟାଳୟର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ଶ୍ରୀଜଗନ୍ନାଥସଂସ୍କୃତିର ଉଚ୍ଚାଙ୍ଗ ଆଦର୍ଶଗତ ମହନୀୟତା ସଂପର୍କରେ ଆଲୋକପାତ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଉଦାର- ସାମାଜିକ- ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ପ୍ରିୟବ୍ରତ ମିଶ୍ର ଶ୍ରୀଜଗନ୍ନାଥ-ସଂସ୍କୃତିର ଶାସ୍ତ୍ରୀୟ- ଶିକ୍ଷଣୀୟତା ଉପରେ ବକ୍ତବ୍ୟ ରଖିଥିଲେ । ଭଞ୍ଜଭାରତୀର




ସଭାପତି ତଥା ବିଶିଷ୍ଟ ଜଗନ୍ନାଥଚେତନା-ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କଳାମୟ-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମ- ରୂପ- ଲୀଳା-ଧାମର ଯଥାର୍ଥ ତାତ୍ପର୍ଯ୍ୟ ଓ ଲୋକଶିକ୍ଷା ସଂପର୍କରେ ବିସ୍ତୃତଭାବେ ବକ୍ତବ୍ୟ କରିଥିଲେ । ଏହି ଅବସରରେ ରାଜ୍ୟବ୍ୟାପୀ ସାମାଜିକ ତଥା ଆଧାତ୍ମିକ ସେବା ମାଧମରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର-ପ୍ରସାର- କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଚିଲିକାନ୍ତର୍ଗତ ନଇରୀସ୍ଥିତ କାଙ୍କଣ ଶିଖରୀର 'ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ନ୍ୟାସ'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା । ସେହିପରି ଯୁବ ସଂସ୍କୃତ କବି ଡକ୍ଟର ପ୍ରିୟବ୍ରତ ମିଶ୍ରଙ୍କ ରଚିତ ସଂସ୍କୃତ ସ୍ତୁତିଗ୍ରନ୍ଥ 'ଶ୍ରୀଜଗନ୍ନାଥ ସ୍ତୋତ୍ରତ ରଙ୍ଗିଣୀ' ପୁସ୍ତକକୁ ଉନ୍ମୋଚିତ ଓ ଲୋକାର୍ପିତ କରାଯାଇଥିଲା ଓ ପୁସ୍ତକର ସମୀକ୍ଷା କରିଥିଲେ ଭଞ୍ଜଭାରତୀର ସଭାପତି ଡାକ୍ତର ଷଡଙ୍ଗୀ । ପ୍ରାରମ୍ଭରେ 'ନାଦ ବ୍ରହ୍ମ' ଅନୁଷ୍ଠାନ ପକ୍ଷରୁ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁର ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ । ଭଞ୍ଜ ଭାରତୀର କୋଷାଧକ୍ଷା ଶୈଳଜା ମିଶ୍ର ସଭା ସଂଯୋଜନା ଓ ସଦସ୍ୟ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଭଞ୍ଜଭାରତୀର ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ସଂପାଦିକା ଶୁଭଶ୍ରୀ ମିଶ୍ର, ବରିଷ୍ଠସଦସ୍ୟ ବିନାୟକ ରଥ, ଡକ୍ଟର ମୃତ୍ୟୁଞ୍ଜୟ ରଥ, ଡକ୍ଟର ନୀଳମାଧବ ପ୍ରଧାନ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଏ ସଂଖ୍ୟାରେ..


ଡିହାଇଡ୍ରେସନରୁ ମୁକ୍ତି ଦିଏ ଜଳଜିରା


ଆୟୁଷ ବଢ଼ାଏ ଗହମ


ବାଜରାର ଉପକାରିତା


ପାଚନ ତନ୍ତ୍ରକୁ ସୁସ୍ଥ ରଖେ ଗୁଜୁରାତି


ହଳଦୀ ମିଶା କ୍ଷୀରପାନ ଅବସାଦ ଦୂରକରେ


ବନ୍ଧାକୋବିର ଉପକାରିତା

# ଦୀର୍ଘ ୪୬ ବର୍ଷ ପରେ ଖୋଲିବ ଶ୍ରୀ ମନ୍ଦିରର ରତ୍ନ ଭଣ୍ଡାର

ଭୁବନେଶ୍ୱର: ସମଗ୍ର ଭାରତ ବର୍ଷରେ ସୁପ୍ରସିଦ୍ଧ ଲାଭ କରିଥିବା ନୀଳାଚଳ ଧାମ ସ୍ଥିତ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ସ୍ମରଣାତୀତ କାଳରୁ ହିନ୍ଦୁ ରାଜାମାନେ ବହୁ ପରିମାଣର ସ୍ୱର୍ଣ୍ଣ-ରୌପ୍ୟ, ରତ୍ନାଳଙ୍କାରମାନ ଦାନ କରିଥିଲେ। ବିଶେଷ କରି ଗଙ୍ଗବଂଶର ରାଜା ଅନଙ୍ଗ ଭୀମଦେବ, ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ଭୋଇ ବଂଶର ପ୍ରତିଷ୍ଠାତା ରାମଚନ୍ଦ୍ରଦେବ ପ୍ରମୁଖ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ବିପୁଳ ପରିମାଣର ଧନରତ୍ନାଦି ଅର୍ପଣ କରିଥିଲେ। ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ବହୁ ସ୍ୱର୍ଣ୍ଣ, ରତ୍ନାଦିରେ ବିମଣ୍ଡିତପୂର୍ବକ ସମୃଦ୍ଧ ହୋଇ ପାରିଥିଲା। କଥିତ ଅଛି ଯେ, ଆଜିକୁ ପ୍ରାୟ ୬୦୦ ବର୍ଷ ପୂର୍ବେ ସେତେବେଳେ ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ସ୍ୱର୍ଣ୍ଣ, ରୌପ୍ୟ, ରତ୍ନପଥର ଆଦିର ମୂଲ୍ୟ ୫୨କୋଟି ଟଙ୍କା ଥିଲା। ବିଭିନ୍ନ ରାଜବଂଶ ଅଧୀନରେ ଶ୍ରୀମନ୍ଦିର ଓ ଏହି ବୈଭବପୂର୍ଣ୍ଣ ରତ୍ନଭଣ୍ଡାର ରହିଆସିଥିଲା। ୧୯୬୦ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ବୈଧାନିକ କମିଟି ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେଇଥିଲେ ହେଁ ଏହାର ୧୮ବର୍ଷ ପରେ ରାଜ୍ୟପାଳ ଭଗବତ ଦୟାଲ ଶର୍ମା କମିଟିଙ୍କ ପରାମର୍ଶରେ ୧୯୭୮ ମସିହାରେ ରତ୍ନଭଣ୍ଡାର ଖୋଲାଯାଇ ଗଣତି ଓ ତାଲିକା ପ୍ରସ୍ତୁତ କରାଯାଇଥିଲା। ଅତୀତରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ବିଧର୍ମୀମାନଙ୍କ ଦ୍ୱାରା ବହୁ ପରିମାଣର ସ୍ୱର୍ଣ୍ଣ ଅଳଙ୍କାର, ବିରଳ ସ୍ୱର୍ଣ୍ଣ, ରୌପ୍ୟ ପ୍ରତିମା ଇତ୍ୟାଦି ଲୁଣ୍ଠନ ହୋଇଥିବାର ପ୍ରମାଣ ମିଳେ।

୧୯୭୮ ମସିହାରେ ଖୋଲା ଯାଇଥିବା ଏହି ରତ୍ନଭଣ୍ଡାର ଗଣତି ଓ ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟ ସରକାରଙ୍କ ସ୍ତରରେ ଏକ ୬ଜଣିଆ କମିଟି ଗଠନ ହୋଇଥିଲା। ତା.୧୩.୫.୧୯୭୮ରିଖି ଠାରୁ ୨୩.୭.୧୯୭୮ରିଖି ପର୍ଯ୍ୟନ୍ତ ଏହି ଗଣତି ଓ ତାଲିକା କାର୍ଯ୍ୟ ଶ୍ରୀମନ୍ଦିର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରତ୍ନଭଣ୍ଡାର ଖୋଲାଯିବା ସମୟରେ ସେତେବେଳର ପ୍ରଶାସକ ଥିଲେ ପ୍ରହଲ୍ଲାଦ ରଥ। ୭୧ ଦିନ ଧରି ଚାଲିଥିବା ରତ୍ନଭଣ୍ଡାର ସ୍ଥିତ ରତ୍ନାଳଙ୍କାର ତାଲିକା ସମୟରେ ପରିଚାଳନା କମିଟି ତରଫରୁ ଭୀମସେନ ଗୋଚ୍ଛିକାର, ନରସିଂହ ଦାସ ମହାପାତ୍ର, ପୁରୀ ଗଜପତି ମହାରାଜାଙ୍କ ପ୍ରତିନିଧି ଆର୍, ବିଶ୍ୱାଳ, ପୁରୀର ଅତିରିକ୍ତ ଏସ.ପି. ଶଚିକାନ୍ତ ତ୍ରିପାଠୀ, ଜିଲ୍ଲାପାଳଙ୍କ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଲକ୍ଷ୍ମୀକାନ୍ତ ମହାନ୍ତି ଓ ଶ୍ରୀମନ୍ଦିର ପ୍ରଶାସକ ପ୍ରହଲ୍ଲାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କୁ ଶ୍ରୀମନ୍ଦିରର ରତ୍ନାଳଙ୍କାର ତାଲିକା ଏବଂ ଓଜନ ଇତ୍ୟାଦିକୁ ତିନି ଗୋଟି ଶ୍ରେଣୀ ପର୍ଯ୍ୟାୟଭୁକ୍ତ କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ତରଫରୁ 'ସମାଜ'ର ସତ୍ୟବାଦୀ ପ୍ରେସ୍‌ରେ ୧୯୭୯ ମସିହାରେ ଉକ୍ତ ତାଲିକାକୁ ଏକ ପୁସ୍ତିକା ରୂପେ ମୁଦ୍ରଣ କରାଯାଇଥିଲା। ଏହି ପୁସ୍ତିକାରୁ ଜଣାଯାଏ ଯେ, ମୋଟ୍ ୪୫୪ ପ୍ରକାରର ସ୍ୱର୍ଣ୍ଣ ରତ୍ନଖଚିତ ଅଳଙ୍କାର ଓ ସାମଗ୍ରୀର ଓଜନ ୧୨,୮୩୮ ଭରି ୧ ଅଣା ଏବଂ ୨୯୩ ପ୍ରକାର ରୁପା ସାମଗ୍ରୀର ଓଜନ ୨୨,୧୫୩ ଭରି ଥିଲା। ବର୍ତ୍ତମାନର ବଜାର ମୂଲ୍ୟ ରତ୍ନପଥର ବ୍ୟତୀତ କେବଳ ସୁନା ଓ ରୁପାକୁ ହିସାବକୁ ନେଲେ ପ୍ରାୟ ୧୦୦ କୋଟି ଟଙ୍କା ହେବ। କିନ୍ତୁ ରତ୍ନପଥରମାନଙ୍କର ମୂଲ୍ୟାୟନ ଅଦ୍ୟାବଧି ଅର୍ଥାତ୍ ବିଗତ ୬୪ବର୍ଷ ମଧ୍ୟରେ କରାଯାଇ ପାରିନାହିଁ।

୧୯୭୮ ମସିହା ପରେ ଅର୍ଥାତ୍, ଏହାର ୪ବର୍ଷ ପରେ ୧୯୮୨ ମସିହାରେ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ଏବଂ ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ତା୨୬.୧୨.୧୯୮୨ ରିଖି ଦିନ କଳାହାଟ ଦ୍ୱାର ରୁପା ଛାଉଣୀ କାର୍ଯ୍ୟ ନିମିତ୍ତ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ଏହି ସମୟରେ ତତ୍କାଳୀନ ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଗଙ୍ଗାଧର ମହାପାତ୍ର, ଆଇନ ବିଭାଗ ସଚିବ କୃଷ୍ଣ ପ୍ରସାଦ ମହାପାତ୍ର, ଜିଲ୍ଲାପାଳ ନରେନ୍ଦ୍ର କୁମାର ମହାପାତ୍ର, ଶ୍ରୀମନ୍ଦିର ପ୍ରଶାସକ କାଳୀ କୁମାର ରଥ, ବିଧି ବିଭାଗ ସ୍ପେଶାଲ ଅଫିସର ପର୍ଶୁରାମ କର, ରତ୍ନଭଣ୍ଡାର ସବକମିଟି ସଦସ୍ୟ ନରସିଂହ ମହାପାତ୍ର, ସହକାରୀ ପ୍ରଶାସକ ସହଦେବ ପାତ୍ର, ରବୀନ୍ଦ୍ର ନାରାୟଣ ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ଦେଉଳକରଣ ରାଧାକୃଷ୍ଣ ସାମନ୍ତରାୟ, ତଡ଼ଉକରଣ ସୁଦର୍ଶନ ପଟ୍ଟନାୟକ ଓ ଭଣ୍ଡାରମେକାପ ନୀଳକଣ୍ଠ ମେକାପଙ୍କ ସମେତ ଗଜପତି ମହାରାଜାଙ୍କ ପ୍ରତିନିଧି ସମୟରେ କାଳହାଟ ଦ୍ୱାର ରୁପା ଛାଉଣୀ ନିମିତ୍ତ ଭିତର ଭଣ୍ଡାରରେ ଅବ୍ୟବହୃତ ଓ ଭଗ୍ନ ଅବସ୍ଥାରେ ଗଚ୍ଛିତ ଥିବା ଅତରଦାନୀ ୭ଟି, ଭଙ୍ଗା ଛତ୍ରିରୁ ୨୪୧ଟି, ବଡ଼ ରୁପା ଥାଳି ୩୮, ବଡ଼ ରୂପାଥାଳି ୫ ବଉଳି ଆଇ ୪୪୨, ୬ବଉଳି ଥାଇ ୬୮୧ଟି କଢ଼ାଯାଇ ତାହାକୁ ଓଜନ କରାଯାଇଥିଲା। ସେତେବେଳର ସହକାରୀ ପ୍ରଶାସକଙ୍କ ଲିଖିତ ବିବରଣୀ ପ୍ରକାରେ ଏହି ରୁପା ସାମଗ୍ରୀଗୁଡ଼ିକର ସମୁଦାୟ ଓଜନ ଥିଲା ୩୩୩୭ ଭରି ୧୦ଅଣା (ତିନି ହଜାର ତିନିଶହ ସଇଁତିରିଶ ଭରି ଦଶ ଅଣା। ଏହାପରେ ୧୪.୭.୧୯୮୫ରେ ୧୨ଜଣଙ୍କ ଉପସ୍ଥିତିରେ ଶେଷ ଥର ପାଇଁ ଭିତର ଭଣ୍ଡାର ରତ୍ନଚିତା ପାଇଁ ଖୋଲା ଯାଇଥିଲା। ଶ୍ରୀମନ୍ଦିର ପ୍ରଶାସକ ପ୍ରହଲ୍ଲାଦ ରଥଙ୍କ ଦ୍ୱାରା ପ୍ରେରିତ ଚିଠି ସଂଖ୍ୟା-୩୧୨୫ ତା.୧୯.୮.୧୯୭୮ରିଖ ଅନୁଯାୟୀ, ରତ୍ନଭଣ୍ଡାର ଖୋଲାଯିବା ସଂପର୍କରେ ମିଳିଥିବା ତଥ୍ୟ ଅନୁଯାୟୀ ଏଥିପୂର୍ବରୁ ୧୯୬୭-୬୮ ମସିହାରେ ଭିତର ରତ୍ନଭଣ୍ଡାରରୁ ସୁନା ଅଣାଯାଇ ଠାକୁର ମାନଙ୍କର କେତେକ ସ୍ୱର୍ଣ୍ଣ ଅଳଙ୍କାର ମରାମତି କରାଯାଇଥିଲା। ସେହିପରି ୧୯୬୯ ମସିହାରେ ଭିତର ରତ୍ନଭଣ୍ଡାରରେ ଗୋଟିଏ ବ୍ୟାଗରେ ଗଚ୍ଛିତ ଥିବା ଭଗ୍ନ ରୌପ୍ୟ ସମାଗ୍ରୀ ଯାହାର ଓଜନ ଥିଲା ୪୨୭୦ ଭରି। ଏହି ରୂପାରେ ସେତେବେଳେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ମଣି ବିମାନର ସାଜସଜ୍ଜାରେ କେତେକ ରୌପ୍ୟ ମୂର୍ତ୍ତି ଓ ଅନ୍ୟାନ୍ୟ ସଜ୍ଜିକରଣ କାର୍ଯ୍ୟରେ ବିନିଯୋଗ ହୋଇଥିଲା। ଏତଦ୍ ବ୍ୟତୀତ ୧୯୭୨ରୁ ୧୯୭୪ ମସିହା ମଧ୍ୟରେ ଅବ୍ୟବହୃତ ଓ ଭଗ୍ନ ସ୍ୱର୍ଣ୍ଣ ରତ୍ନାଳଙ୍କାରକୁ କଢ଼ାଯାଇ ତାହାକୁ ବିଶୁଦ୍ଧକରଣ ପୂର୍ବକ ଏକ ଲକ୍ଷ୍ମୀ (ଶ୍ରୀଦେବୀ) ମୂର୍ତ୍ତି ନିର୍ମାଣ କରାଯାଇ ତାହାକୁ ଭଣ୍ଡାରରେ ରଖାଯାଇଥିଲା। ତେବେ ୧୯୭୮ ମସିହା ପରେ ୨୦୧୮ ମସିହାରେ ଭିତର ଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯିବା ପାଇଁ ଉଦ୍ୟମ ହୋଇଥିଲେ ହେଁ ଚାବି ନମିଳିବାରୁ ତାହା ସମ୍ଭବ ହୋଇ ପାରି ନ ଥିଲା। ଚଳିତ ଜୁଲାଇ ୪ ତାରିଖ ଦିନ ରାଜ୍ୟ ସରକାର ବିଚାରପତି ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ୧୬ଜଣିଆ କମିଟି ରତ୍ନଭଣ୍ଡାର ଯାଞ୍ଚ ନିମିତ୍ତ ଗଠନ କରିଛନ୍ତି। ଦୀର୍ଘ ୪୬ବର୍ଷ ପରେ ରତ୍ନ ଭଣ୍ଡାର ଖୋଲା ଗଲେ ଅଳଙ୍କାରମାନଙ୍କର ପ୍ରକୃତ ପରିମାଣ ଓ ମୂଲ୍ୟ ଜଣା ପଡିବ।

## ଗୋଶାଳାକୁ ପ୍ରଥମ ମାସର ଦରମା ଦାନ କଲେ ବରଗଡ଼ ଏମ୍.ପି

ଝାରସୁଗୁଡ଼ା: ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଲଖନପୁର ବ୍ଲକ ଅନ୍ତର୍ଗତ କଦମଡିହି ପଞ୍ଚାୟତରେ ଥିବା ଗୋଶାଳାକୁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ତାଙ୍କର ପ୍ରଥମ ମାସର ଦରମା ଦାନ କରିଛନ୍ତି। ଏକ ଜନସମ୍ପର୍କ ସମାବେଶରେ ଯୋଗଦେଇ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣ ତାଙ୍କୁ ଆଶା ଠାରୁ ଅଧିକ ଭୋଟ ଦେଇ ନିର୍ବାଚନ କରିଥିବାରୁ ସମସ୍ତ ଭୋଟରଙ୍କ ପାଖରେ ସେ ଋଣୀ ଓ ଆଗାମୀ ଦିନରେ ସେମାନଙ୍କ ଉନ୍ନତି କାମନା କରିବା ରାଜ୍ୟ ସରକାରଙ୍କ ବିକାଶ ଭିମୁଖୀ କାର୍ଯ୍ୟ ଧାରାରେ ସାମିଲ କରାଇବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ପ୍ରକାଶ କରିଥିଲେ।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ଅବହେଳିତ

ସମ୍ବଲପୁର: ଓଡ଼ିଶା ପାଇପ ଜଳ କର୍ମଚା ରୀ ମାନଙ୍କ ପାଇଁ ଚାକିରି ସର୍ତ୍ତାବଳି କ୍ୟାଡର ରୁଲ ଲାଗୁ ହୋଇପାରି ନାହିଁ। ବିଗତ ସରକାର ଙ୍କ ଦୀର୍ଘ ୨୪ବର୍ଷ ଶାସନ କାଳରେ କର୍ମଚାରୀ ସଂଘ ବହୁବାର ଆନ୍ଦୋଳନ କରି ମଧ କିଛି ସୁଫଳ ପାଇପାରି ନାହିଁ। କେନ୍ଦ୍ର ସରକାର ଙ୍କ ଲୋକାଭିମୁଖୀ ଯୋଜନା ମାଧମରେ ଉଭୟ ବିଭାଗରେ ସମଗ୍ର ଓଡିଶାରେ ପାନୀୟ ଜଳ ଯୋଗାଣ ରେ ବହୁଳ ଉନ୍ନତି ହୋଇ ପାରିଛି ଓ ଅନେକ କାର୍ଯ୍ୟ ଆଗକୁ ମଧ ଚାଲୁରହିଛି। ବିଗତ ସରକାର ସିଏଲଆର ଡିଏଲଆର, କର୍ମଚାରୀ ନିଯୁକ୍ତି କରି ସରକାରଙ୍କ ଦ୍ୱାରା ଘୋଷିତ ମଜୁରୀ ପ୍ରଦାନ ନ କରି , ୩୦୦୦/୫୦୦୦/ ଟଙ୍କାରେ ଦରମା ପ୍ରଦାନ କରି କର୍ମଚାରୀଙ୍କୁ ଦୀର୍ଘ ୨୪ବର୍ଷ ଶୋଷଣ କରି ତାଙ୍କୁ ଓ ବିଭାଗ ଦ୍ୱୟକୁ ପଙ୍ଗୁ କରି ସାରିଛନ୍ତି। ଏ.ସି.ଏମ୍,କର୍ମଚାରୀ ଗ୍ରାମାଞ୍ଚଳ ରେ ନିଯୁକ୍ତି ଦେଇଛନ୍ତି, ଯାହାକି ବ୍ରିଟିଶ ସମୟର ଶୋଷଣଠାରୁ ବଳି ଯାଇଛି। ଅନ୍ୟ ପକ୍ଷରେ ବିଭାଗଦ୍ୱୟରେ କ୍ୟାଡର ରୁଲ ଲାଗୁ କରି ନ ଥିବାରୁ କର୍ମଚାରୀ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ବିଭାଗ ତୁଳନାରେ ବହୁ ତାରତମ୍ୟ, ଯଥା, ଦରମା, ପେନସନ, ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। କର୍ମଚାରୀଙ୍କ ଭାବାବେଗ, ପାରିବାରିକ ଜୀବନ ଓ ଆଜିର ବଜାରକୁ ସମୀକ୍ଷା କରି ବିଭାଗରେ କାର୍ଯ୍ୟରତ ସମସ୍ତ, ସି,ଏଲ,ଆର, ଡିଏଲଆର, ଏସିଏମ, କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ଅବା ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ, ଇନସେନଟିଭ ସହ, ବରିଷ୍ଠତା ଭିତ୍ତିରେ ପ୍ରଦାନ କରି, ଇପିଏଫ, ଇଏସଆଇ, କଟାଯାଉ, ବିଭାଗଦ୍ୱୟରେ କ୍ୟାଡର ରୁଲ ଲାଗୁକରାଯିବାକୁ, କାର୍ଯ୍ୟରତ ୱାର୍କଚାର୍ଯ୍ୟ କର୍ମଚାରୀଙ୍କୁ ପେନସନ ବ୍ୟବସ୍ଥା କରାଯିବା ପାଇଁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି କରାଯାଇଛି।

## ତିଥିଗୁଡିକର ଜ୍ୟୋତିଷୀୟ ମହତ୍ତ୍ୱ

ଜ୍ୟୋତିଷ ଶାସ୍ତ୍ରରେ ତିଥିଗୁଡ଼ିକର ବହୁତ ମହତ୍ତ୍ୱ ରହିଛି। ତିଥିଗୁଡ଼ିକ ଆଧାରରେ ମୁହୂର୍ତ୍ତ ବାହାର କରାଯାଏ ଏବଂ ତଦନୁସାର ବିଭିନ୍ନ କାର୍ଯ୍ୟ କରାଯାଏ।

ପ୍ରତିପଦା ତିଥି : ପ୍ରତିପଦା ତିଥିରେ ଗୃହ ନିର୍ମାଣ, ଗୃହପ୍ରବେଶ, ବାସ୍ତୁକର୍ମ, ବିବାହ, ଯାତ୍ରା, ପ୍ରତିଷ୍ଠା ଆଦି ସମସ୍ତ ମଙ୍ଗଳ କାର୍ଯ୍ୟ କରାଯାଏ।

କୃଷ୍ଣ ପକ୍ଷର ପ୍ରତିପଦାରେ ଚନ୍ଦ୍ରଙ୍କୁ ବଳଶାଳୀ ଏବଂ ଶୁକ୍ଳ ପକ୍ଷର ପ୍ରତିପଦାରେ ଦୁର୍ବଳ ମନେ କରାଯାଏ। ସେଥିପାଇଁ ଶୁକ୍ଳ ପକ୍ଷର ପ୍ରତିପଦାରେ ବିବାହ, ଯାତ୍ରା, ବ୍ରତ, ପ୍ରତିଷ୍ଠା, ସୀମାନ୍ତ, ଚୂଡ଼ାକର୍ମ ତଥା ଗୃହପ୍ରବେଶ ଆଦି କାର୍ଯ୍ୟ କରିବା ଅନୁଚିତ।

ଦ୍ୱିତୀୟା ତିଥି : ଏହି ତିଥିରେ ବିବାହ ମୁହୂର୍ତ୍ତ, ଯାତ୍ରା କରିବା, ଆଭୂଷଣ କିଣିବା, ଶିଳାନ୍ୟାସ, ଦେଶ ଅଥବା ରାଜ୍ୟ ସମ୍ବନ୍ଧୀୟ କାର୍ଯ୍ୟ, ବାସ୍ତୁକର୍ମ, ଉପନୟନ ଆଦି କାର୍ଯ୍ୟ କରିବା ଶୁଭ ହୋଇଥାଏ, କିନ୍ତୁ ଏହି ତିଥିରେ ତେଲ ଲଗାଇବା ବର୍ଜିତ।

ତୃତୀୟା ତିଥି : ତୃତୀୟା ତିଥିରେ ଶିଳ୍ପକଳା ଅଥବା ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟ, ସୀମନ୍ତୋନ୍ନୟନ, ଚୂଡ଼ାକର୍ମ, ଅନ୍ନପ୍ରାଶନ, ଗୃହପ୍ରବେଶ, ବିବାହ, ରାଜକାର୍ଯ୍ୟ, ଉପନୟନ ଆଦି ଶୁଭ କାର୍ଯ୍ୟଗୁଡ଼ିକୁ ସଂପନ୍ନ କରାଯାଇପାରେ।

ଚତୁର୍ଥୀ ତିଥି : ସମସ୍ତ ପ୍ରକାର ବିଦ୍ୟୁତ୍ କାର୍ଯ୍ୟ, ଶତ୍ରୁମାନଙ୍କୁ ହଟାଇବା କାର୍ଯ୍ୟ, ଅଗ୍ନି ସମ୍ବନ୍ଧୀୟ କାର୍ଯ୍ୟ, ଶାସ୍ତ୍ରଗୁଡ଼ିକର ପ୍ରୟୋଗ କରିବା ଆଦି କାର୍ଯ୍ୟ ପାଇଁ ଏହି ତିଥି ଉତ୍ତମ ହୋଇଥାଏ।

ପଞ୍ଚମୀ ତିଥି : ସମସ୍ତ ପ୍ରବୃତ୍ତି ନିମନ୍ତେ ଏହି ତିଥି ଉପଯୁକ୍ତ। ଏହି ତିଥିରେ କାହାରିକୁ ଋଣ ଦେବା ବର୍ଜିତ ବୋଲି ମାନ୍ୟତା ରହିଛି।

ଷଷ୍ଠୀ ତିଥି: ଯୁଦ୍ଧରେ ଉପଯୋଗ ହେବାକୁ ଥିବା ଶିଳ୍ପ କାର୍ଯ୍ୟଗୁଡ଼ିକର ଆରମ୍ଭ, ବାସ୍ତୁକର୍ମ, ଗୃହାରମ୍ଭ, ନୂତନ ବସ୍ତ୍ର ପିନ୍ଧିବା ଭଳି ଶୁଭକାର୍ଯ୍ୟ ଏହି ତିଥିରେ କରାଯାଇପାରେ। ଏହି ତିଥିରେ ତେଲ ମାଲିସ, ମାଲିସ, ପିତୃକର୍ମ, ଯାତାୟାତ, କାଷ୍ଠ କର୍ମ ଆଦି କାର୍ଯ୍ୟ ବର୍ଜିତ।

ସପ୍ତମୀ ତିଥି- ଏହି ତିଥିରେ ବିବାହ ମୁହୂର୍ତ୍ତ, ସଙ୍ଗୀତ ସମ୍ବନ୍ଧୀୟ କାର୍ଯ୍ୟ, ଆଭୂଷଣ ନିର୍ମାଣ ଓ ନବୀନ ଆଭୂଷଣ ଧାରଣ କରାଯାଇପାରେ। ଯାତ୍ରା, ବଧୂପ୍ରବେଶ, ଗୃହପ୍ରବେଶ, ରାଜ୍ୟ ସମ୍ବନ୍ଧୀୟ କାର୍ଯ୍ୟ, ବାସ୍ତୁକର୍ମ, ଚୂଡ଼ାକର୍ମ, ଅନ୍ନପ୍ରାଶନ, ଉପନୟନ ସଂସ୍କାର ଆଦି ସମସ୍ତ ଶୁଭ କାର୍ଯ୍ୟ ମଧ ଏହି ତିଥିରେ କରାଯାଇପାରେ।

ଅଷ୍ଟମୀ ତିଥି : ଲେଖନ କାର୍ଯ୍ୟ, ଯୁଦ୍ଧରେ ଉପଯୋଗ ହେବା ଭଳି କାର୍ଯ୍ୟ, ବାସ୍ତୁକାର୍ଯ୍ୟ, ଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟ, ରତ୍ନ ସମ୍ବନ୍ଧୀୟ କାର୍ଯ୍ୟ, ଆମୋଦ – ପ୍ରମୋଦ ସହ ଜଡ଼ିତ କାର୍ଯ୍ୟ, ଅସ୍ତ୍ରଶସ୍ତ୍ର ଧାରଣ କରିବା ଭଳି କାର୍ଯ୍ୟ ଗୁଡ଼ିକର ଆରମ୍ଭ ଏହି ତିଥିରେ କରାଯାଇ ପାରେ।

ନବମୀ ତିଥି: ନବମୀ ତିଥିରେ ଶିକାର ଆରମ୍ଭ କରିବା, ଜୁଆ ଖେଳିବା, ଶସ୍ତ୍ର ନିର୍ମାଣ କରିବା, ନିର୍ମାଣ କାର୍ଯ୍ୟ ତଥା ସମସ୍ତ ପ୍ରକାର କ୍ରୂର କର୍ମ କରାଯାଇ ପାରେ।

ଦଶମୀ ତିଥି: ଦଶମୀ ତିଥିରେ ରାଜକାର୍ଯ୍ୟ ଅର୍ଥାତ୍ ବର୍ତ୍ତମାନ ସମୟରେ ସରକାର ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକୁ ଆରମ୍ଭ କରାଯାଇ ପାରେ। ହାତୀ- ଘୋଡ଼ାଙ୍କ ସମ୍ବନ୍ଧିତ କାର୍ଯ୍ୟ, ବିବାହ, ସଙ୍ଗୀତ, ବସ୍ତ୍ର, ଆଭୂଷଣ, ଯାତ୍ରା ଆଦି ଏହି ତିଥିରେ କରାଯାଇ ପାରେ। ଗୃହପ୍ରବେଶ, ବଧୂପ୍ରବେଶ, ଶିଳ୍ପ, ଅନ୍ନପ୍ରଶନ, ଚୂଡ଼ାକର୍ମ, ଉପନୟନ ସଂସ୍କାର ଆଦି କାର୍ଯ୍ୟ ଏହି ତିଥିରେ କରାଯାଇ ପାରେ।

ଏକାଦଶୀ ତିଥି: ଏକାଦଶୀ ତିଥିରେ ବ୍ରତ, ସମସ୍ତ ପ୍ରକାର ଧାର୍ମିକ କାର୍ଯ୍ୟ, ଦେବତାମାନଙ୍କ ଉତ୍ସବ, ସମସ୍ତ ପ୍ରକାର ଉଦ୍ୟାପନ, ବାସ୍ତୁକର୍ମ, ଯୁଦ୍ଧ ସହ ସମ୍ବନ୍ଧିତ କର୍ମ, ଶିଳ୍ପ, ଯଜ୍ଞୋପବୀତ, ଗୃହ ନିର୍ମାଣ ପ୍ରାରମ୍ଭ ଏବଂ ଯାତ୍ରା ସମ୍ବନ୍ଧୀୟ କାର୍ଯ୍ୟ କରାଯାଇ ପାରେ।

ଦ୍ୱାଦଶୀ ତିଥି : ଏହି ତିଥିରେ ବିବାହ ତଥା ଅନ୍ୟ ଶୁଭ କାର୍ଯ୍ୟ କରାଯାଇପାରେ। ଏହି ତିଥିରେ ତୈଳ ମର୍ଦ୍ଦନ, ନୂତନ ଗୃହ ନିର୍ମାଣ ତଥା ନୂତନ ଘରେ ପ୍ରବେଶ, ଯାତ୍ରା ଇତ୍ୟାଦି ତ୍ୟାଗ କରିଦେବା ଉଚିତ।

ତ୍ରୟୋଦଶୀ ତିଥି : ସଂଗ୍ରାମ ସହିତ ଜଡ଼ିତ କାର୍ଯ୍ୟ, ସେନାର ଉପଯୋଗୀ ଅସ୍ତ୍ରଶସ୍ତ୍ର, ଧ୍ୱଜ ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟ, ରାଜକାର୍ଯ୍ୟ, ବାସ୍ତୁକାର୍ଯ୍ୟ, ସଙ୍ଗୀତ ବିଦ୍ୟା ସହିତ ଜଡ଼ିତ କାର୍ଯ୍ୟ ଏହି ଦିନ କରାଯାଇପାରେ। ଏହି ଦିନ ଯାତ୍ରା, ଗୃହ ପ୍ରବେଶ, ନୂତନ ବସ୍ତ୍ରାଭୂଷଣ ତଥା ଯଜ୍ଞୋପବୀତ ଧାରଣ ଭଳି ଶୁଭ କାର୍ଯ୍ୟଗୁଡ଼ିକୁ ତ୍ୟାଗ କରିଦେବା ଉଚିତ।

ଚତୁର୍ଦ୍ଦଶୀ ତିଥି: ଚତୁର୍ଦ୍ଦଶୀ ତିଥିରେ ସମସ୍ତ ପ୍ରକାର କ୍ରୂର ତଥା ଉଗ୍ର କର୍ମ କରାଯାଇପାରେ। ଏହି ତିଥିରେ ଯାତ୍ରା କରିବା ନିଷେଧ। ଚତୁର୍ଥୀ ତିଥିରେ କରାଯାଉଥିବା କର୍ମ ମଧ ଏହି ତିଥିରେ କରାଯାଇ ପାରେ।

ପୂର୍ଣ୍ଣିମା : ପୂର୍ଣ୍ଣିମା ତିଥିରେ ଶିଳ୍ପ, ଆଭୂଷଣ ସମ୍ବନ୍ଧିତ କରାଯାଇପାରେ। ସଂଗ୍ରାମ, ବିବାହ, ଯଜ୍ଞ, ଜଳାଶୟ ଯାତ୍ରା, ଶାନ୍ତି ତଥା ପୋଷଣ କରୁଥିବା ସମସ୍ତ ମଙ୍ଗଳ କାର୍ଯ୍ୟ ମଧ କରାଯାଇପାରେ।

ଅମାବାସ୍ୟା : ଏହି ତିଥିରେ ମୁଖ୍ୟ ରୂପେ ପିତୃକର୍ମ କରାଯାଏ। ମହାଦାନ ତଥା ଉଗ୍ରକର୍ମ କରାଯାଇପାରେ। ଏହି ତିଥିରେ ଶୁଭ କର୍ମ ତଥା ସ୍ତ୍ରୀ ସଙ୍ଗତି କରିବା ଅନୁଚିତ। ଏହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାର ତିଥିଗୁଡ଼ିକର ବିଶେଷ ମହତ୍ତ୍ୱ ରହିଛି। ଏଗୁଡ଼ିକର ସମୁଚିତ ଉପଯୋଗ କରାଯାଇ ପାରିଲେ ଜୀବନର ଅଗଣିତ ସମସ୍ୟାର ସମାଧାନ ହୋଇ ପାରିବ ଏବଂ ଜୀବନରେ ଶାନ୍ତି ପ୍ରାପ୍ତ କରାଯାଇ ପାରିବ।

# ଭକ୍ତର ଭକ୍ତି ଦ୍ୱାରା ସଂସାରକୁ ଛାଡି ହୋଇଯାଏ

**ଯେ**ତେବେଳେ ଭକ୍ତର ହୃଦୟ ଭଗବତ୍ ପ୍ରେମରେ ଓତଃପ୍ରୋତ ହୋଇଯାଏ, ସେତେବେଳେ ଭକ୍ତର ଆଧାତ୍ମିକ ଆଭା ଅନାୟାସ କାହାରିକୁ, ବିଶେଷକରି ସାଧକମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଏବଂ ଆଭା ମଣ୍ଡଳରେ ପ୍ରବେଶ କରିବା ମାତ୍ରେ ହୃଦୟରେ ଶୀତଳତା ଓ ଆନନ୍ଦର ଅନୁଭୂତି ହୋଇଥାଏ ।

ମଧ୍ୟଯୁଗରେ ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାର ଏକ ଛୋଟିଆ ଗାଁରେ ଜନ୍ମଗ୍ରହଣ କରିଥିବା ଗଣେଶନାଥ ଏହିପରି ଜଣେ ଭଗବଦ୍ ଭକ୍ତ ଥିଲେ । ତାଙ୍କରି ସାନ୍ନିଧ୍ୟରେ ଯେକୌଣସି ବ୍ୟକ୍ତିକୁ ଶାନ୍ତି, ଶୀତଳତା ଓ ଆନନ୍ଦର ଅନୁଭୂତି ହେଉଥିଲା । ପୂର୍ବଜନ୍ମର ସଂସ୍କାର ଓ ମାତାପିତାଙ୍କ ଠାରୁ ପ୍ରାପ୍ତ ଶିକ୍ଷା କାରଣରୁ ବାଲ୍ୟକାଳରୁ ହିଁ ତାଙ୍କର ଭଗବତ୍ ପ୍ରେମ ପରିଲକ୍ଷିତ ହେଉଥିଲା ।

ତାଙ୍କ ମାତାପିତା ବାଲ୍ୟକାଳରୁ ହିଁ ତାଙ୍କୁ ଭଗବତ୍ ପ୍ରେମ ପ୍ରତି ପ୍ରୋତ୍ସାହିତ କରୁଥିଲେ ଏବଂ ଗଣେଶନାଥ ଭଗବାନଙ୍କ ନାମ ନେଇ ଆନନ୍ଦରେ ନାଚୁଥିବା ପରି ମନେ ହେଉଥିଲେ । ପିତା ତାଙ୍କୁ ପିଲାଦିନରୁ ଭଗବଦ୍ ଭକ୍ତି ଦ୍ୱାରା ମାନବ ଜୀବନକୁ ସଫଳ କରିବା ପାଇଁ ପ୍ରେରିତ କରୁଥିଲେ । ସେ ଶାସ୍ତ୍ର - ପୁରାଣଗୁଡ଼ିକରେ ବର୍ଣ୍ଣିତ ଭଗବାନ ଓ ଭକ୍ତଙ୍କ ସହ ଜଡ଼ିତ ରୋଚକ କାହାଣୀଗୁଡ଼ିକ ଗଣେଶନାଥଙ୍କୁ ଶୁଣାଉଥିଲେ ଏବଂ ସେ ରୁଚିପୂର୍ବକ ସେହି କଥାଗୁଡ଼ିକୁ ଶୁଣୁଥିଲେ ।

ରାତିରେ ଶୋଇବା ସମୟରେ ତାଙ୍କର ମା' ମଧ ତାଙ୍କୁ ଭଗବାନଙ୍କ ରୋଚକ କଥା, କାହାଣୀ ଶୁଣାଉଥିଲେ ଏବଂ ବାଳକ ଗଣେଶନାଥ ଭଗବାନଙ୍କ କଥାଗୁଡ଼ିକ ଶୁଣି ଶୁଣି ଶୋଇ ପଡୁଥିଲେ । ସକାଳୁ ତାଙ୍କ ମାତାପିତା ଯେବେ ଭଗବଦ୍ ଉପାସନା କରିବାକୁ ବସୁଥିଲେ, ଧାର୍ମିକ ଗ୍ରନ୍ଥଗୁଡ଼ିକର ସ୍ୱାଧ୍ୟାୟ କରୁଥିଲେ ତ ବାଳକ ଗଣେଶନାଥ ମଧ ନିଜ ମାତାପିତାଙ୍କ ପାଖରେ ଯାଇ ବସୁଥିଲେ । ଏହିପରି ଏକ ଦିବ୍ୟ ଆଧାତ୍ମିକ ବାତାବରଣରେ ତାଙ୍କର ପାଳନ –ପୋଷଣ ହେଲା ।

ଭଗବଦ୍ ଭଜନ, ଭଗବତ୍ ପ୍ରେମ, ବୈରାଗ୍ୟ ଆଦିର ସଂସ୍କାର ଗଣେଶନାଥଙ୍କୁ ନିଜର ମାତାପିତାଙ୍କ ଠାରୁ ଉତ୍ତମ ରୂପେ ପ୍ରାପ୍ତ ହୋଇଥିଲା । ଦୈବୀ ଇଚ୍ଛା ହେଉ ଅଥବା ଅନ୍ୟ କିଛି ; ଗଣେଶନାଥଙ୍କ ଯୁବାବସ୍ଥା ଆରମ୍ଭ ହେବା ପୂର୍ବରୁ ହିଁ ତାଙ୍କ ମାତାପିତା ପରଲୋକବାସୀ ହୋଇଗଲେ । କହିବାକୁ ତ ଗଣେଶନାଥ ଏକାକୀ ରହିଗଲେ, କିନ୍ତୁ ଭଗବତ୍ ପ୍ରେମ ଓ ବୈରାଗ୍ୟର ସଂସ୍କାର ଯାହା ସହିତ ଥିବ, ଭଲା ସେ ଏକା କିପରି ହୋଇ ପାରିବ ?

ସେଥିପାଇଁ ଘରେ ଏକାକୀ ରହୁଥିଲେ ବି ସେ ନିର୍ଭୀକ, ନିର୍ଦ୍ଦୟ ଥିଲେ । ତାଙ୍କ ହୃଦୟ ହରିନାମ ରସ ପାନ କରିବାକୁ ଏବେ ଆହୁରି ବ୍ୟାକୁଳ ହୋଇ ଉଠିଲା । ସେ ସତ୍‌ସଙ୍ଗ ଓ ଭଜନ ପାଇଁ ଉତ୍ସୁକ ହେଲେ । ତାପରେ ଆଉ କ'ଣ ଥିଲା ? ବସ୍ତ୍ର ନାମରେ ସେ କେବଳ ଖଣ୍ଡେ କୌପୀନ ପିନ୍ଧିନେଲେ, ତାପରେ ଥଣ୍ଡା ହେଉ, ଗରମ କି ବର୍ଷା ହେଉ, ସର୍ବଦା ସେ କେବଳ କୌପୀନ ହିଁ ଧାରଣ କରୁଥିଲେ ।

ସେ ଭଗବାନଙ୍କ ନାମ ସ୍ମରଣ, କୀର୍ତ୍ତନ କରୁଥିଲେ, ପଦ ଗାଉଥିଲେ ଓ ଭଗବତ୍ ପ୍ରେମରେ ମତୁଆଲା ହୋଇ, ଆନନ୍ଦମଗ୍ନ ହୋଇ ନୃତ୍ୟ କରୁଥିଲେ । ଭଗବନ୍ନାମ ସ୍ମରଣ, କୀର୍ତ୍ତନ, ଭଗବତ୍ ପ୍ରେମର ପ୍ରଭାବରେ ତାଙ୍କ ଭିତରେ ବୈରାଗ୍ୟର ଭାବନା ଆହୁରି ବଳବତୀ ହୋଇ ଚାଲିଲା । ସେ ପ୍ରାୟ ଦିନ ସାରା ଜଙ୍ଗଲକୁ ଯାଇ ଏକାନ୍ତରେ ବସି ଉଚ୍ଚ ସ୍ୱରରେ ଭଗବନାମ ଉଚ୍ଚାରଣ ଓ କୀର୍ତ୍ତନ କରୁଥିଲେ ଏବଂ ରାତିରେ ଘରକୁ ଫେରି ଆସୁଥିଲେ ।

ରାତିରେ ଗାଁର ଲୋକମାନଙ୍କୁ ଭଗବତ୍ କଥା ଶୁଣାଉଥିଲେ ଓ କୀର୍ତ୍ତନ କରୁଥିଲେ । କେତେ ବର୍ଷ ପରେ ସେ ପଣ୍ଢରପୁର ଚାଲିଗଲେ ଏବଂ ସେଠାରେ ଭଗବଦ୍ ସ୍ମରଣ, କୀର୍ତ୍ତନ, ସତ୍ସଙ୍ଗ ଆଦି କରିବାରେ ଲାଗିଲେ । ସଂଯୋଗବଶତଃ ଦିନେ ଛତ୍ରପତି ଶିବାଜି ପଣ୍ଢରପୁର ଆସିଲେ । ସେତେବେଳକୁ ଗଣେଶନାଥ ନିଜର ଭଗବତ୍ ପ୍ରେମ, ବୈରାଗ୍ୟ ଓ ସଂକୀର୍ତ୍ତନ ପ୍ରେମ କାରଣରୁ ଦୂରଦୂରାନ୍ତ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇ ସାରିଥିଲେ ।

ଦୂରଦୂରାନ୍ତରୁ ଲୋକେ ତାଙ୍କର ଦର୍ଶନ ଓ ସତ୍ସଙ୍ଗକୁ ଆସୁଥିଲେ, ଏଣୁ ସେଠାରେ ପହଞ୍ଚିବା ପରେ ଶିବାଜି ମହାରାଜ ମଧ ତାଙ୍କର ଦର୍ଶନ କରିବାକୁ ଆସିଲେ । ସେହି ସମୟରେ ଗଣେଶନାଥ ନିଜ ହୃଦୟରେ ଭଗବାନଙ୍କ ମଧୁର ମନୋହର ଛବିର ଧାନ କରି, ଭଗବନାମ ସ୍ମରଣ ଓ କୀର୍ତ୍ତନ କରି ନୃତ୍ୟ କରୁଥିଲେ ।

ନୃତ୍ୟ କରୁ କରୁ ରାତି ବହୁତ ହୋଇଗଲା, କିନ୍ତୁ ଭଗବତ୍ ପ୍ରେମରେ ବୁଡ଼ି ରହିଥିବା ଗଣେଶନାଥଙ୍କର ଦିନ– ରାତି କ'ଣ, ନିଜ ଶରୀରର ଜ୍ଞାନ ମଧ ରହୁ ନ ଥିଲା । ଶିବାଜି ମଧ ତାଙ୍କର ଏହି ଭଗବତ୍ ପ୍ରେମ ଓ ଭଗବଦ୍ ଭାବକୁ ଦେଖି ଆହ୍ଲାଦିତ ଥିଲେ ଏବଂ ତାଙ୍କୁ ଶାନ୍ତ ଭାବରେ ଦେଖୁଥିଲେ ।

ତାଙ୍କର କୀର୍ତ୍ତନ ସମାପ୍ତ ହେବା ପରେ ଅଚାନକ ଶିବାଜି ତାଙ୍କ ଚରଣରେ ପ୍ରଣାମ କରି ତାଙ୍କୁ ରାଜଶିବିରରେ ରାତ୍ରି ବିଶ୍ରାମ ହେତୁ ବିନମ୍ର ପ୍ରାର୍ଥନା କଲେ । ଭକ୍ତ ଗଣେଶନାଥ ବଡ଼ ସଂକୋଚରେ ପଡ଼ିଗଲେ, ତାଙ୍କ ଅନୁରୋଧକୁ ଅସ୍ୱୀକାର ବି କରିବାକୁ ଚାହିଁଲେ, କିନ୍ତୁ ଶିବାଜି ବାରମ୍ବାର ପ୍ରେମ ନିବେଦନ କରିବାରୁ ଶେଷରେ ସେ ତାଙ୍କର ଅନୁରୋଧକୁ ସ୍ୱୀକାର କରି ତାଙ୍କ ସାଙ୍ଗରେ ଚାଲିଲେ, କିନ୍ତୁ ସେଠାରୁ ଯିବା ବାଟରେ ଛୋଟ ଗୋଡ଼ି କେତୋଟି ଉଠାଇ ନିଜ ବସ୍ତ୍ରରେ ବାନ୍ଧିନେଲେ ।

'ଏଇ ଗୋଡ଼ିଗୁଡ଼ିକ କ'ଣ ହେବ ?'- ଛତ୍ରପତି ଶିବାଜି ଆଶ୍ଚର୍ଯ୍ୟ ହୋଇ ପଚାରିଲେ । ଗଣେଶନାଥ କହିଲେ– 'ସୁଖ ଭୋଗ ଓ ଐଶ୍ୱର୍ଯ୍ୟ ମଧ୍ୟରେ ରହିଲେ ବି ଏହି ଗୋଡ଼ି ମୋତେ ଭଗବାନଙ୍କ ସ୍ମରଣ କରାଇବ ।''

ରାଜଶିବିରରେ ଗଣେଶନାଥଙ୍କ ଆଦର-ସତ୍‌କାରର ବହୁବିଧ ବ୍ୟବସ୍ଥା କରାଗଲା । ସ୍ୱୟଂ ଶିବାଜି ସୁଗନ୍ଧିତ ଜଳରେ ତାଙ୍କର ଚରଣ ଧୋଇଲେ, ଅତର ଲଗାଇଲେ, ସୁବର୍ଣ୍ଣ ଥାଳିରେ ତାଙ୍କୁ ବିବିଧ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷିଲେ ଏବଂ ତାଙ୍କର ରାତ୍ରି ବିଶ୍ରାମ ହେତୁ ସୁବର୍ଣ୍ଣ ପଲଙ୍କ ଉପରେ କୋମଳ ଗଦି ପକାଇ ସୁଗନ୍ଧିତ ପୁଷ୍ପ ବିଛାଇ ଦେଲେ ।

ଏହା ଦେଖି ଗଣେଶନାଥ ସ୍ତବ୍ଧ ହୋଇଗଲେ । ସୁଖ ଭୋଗର ଏସବୁ ପଦାର୍ଥ ତାଙ୍କୁ ଜଳୁଥିବା ଅଗ୍ନି ସମାନ ପ୍ରତୀତ ହେଲା ।

ଶିବାଜିଙ୍କ ପରି ସତ୍ୟପୁରୁଷ, ରାଷ୍ଟ୍ରଭକ୍ତଙ୍କ ଆଗ୍ରହ – ପ୍ରେମ କାରଣରୁ କୌଣସି ପ୍ରକାରେ ଅଳ୍ପ କିଛି ଖାଇ ସେ ବିଶ୍ରାମ କରିବାକୁ ଗଲେ, କିନ୍ତୁ ସୁକୋମଳ ଶଯ୍ୟା ଉପରେ ଶୟନ କରିବା ପୂର୍ବରୁ ସେ ନିଜ ସାଙ୍ଗରେ ନେଇଥିବା ଗୋଡ଼ିଗୁଡ଼ିକୁ ପୁଷ୍ପ ଉପରେ ବିଛାଇ ଦେଲେ ଏବଂ ତାହା ଉପରେ ବସି ପଡ଼ିଲେ ।

ନିଜକୁ ସୁଖ-ଭୋଗଗୁଡ଼ିକ ମଧ୍ୟରେ ପାଇ ସେ ମନେ ମନେ କହିଲେ– 'ହେ ଭଗବାନ ! ହେ ପାଣ୍ଡୁରଙ୍ଗ ! ହେ ମୋର ସ୍ୱାମୀ ! ମୋ ହୃଦୟର କୌଣସି କୋଣରେ ସୁଖ ଭୋଗଗୁଡ଼ିକ ପ୍ରତି କୌଣସି ଆସକ୍ତି ବା ଏଗୁଡ଼ିକୁ ପାଇବାର କୌଣସି ସୂକ୍ଷ୍ମ ଲାଳସା ଅବଶ୍ୟ ରହିଯାଇଥିବ, ସେଥିପାଇଁ ତୁମେ ମୋତେ ଏଠାକୁ ନେଇ ଆସିଛ । ହେ ବିଠଲ ! ମୋତେ ଏଇ ଭୋଗ ପଦାର୍ଥ, ଏଇ ସୁଖ-ଭୋଗ ନରକର ଯନ୍ତ୍ରଣା ସମାନ ମନେ ହେଉଛି । ଆପଣଙ୍କ ଠାରୁ ମୋର କେବଳ ଏକମାତ୍ର ଆଶା ରହିଛି ଏବଂ ତାହା ହେଉଛି- ମୋତେ ଯଦି କିଛି ଦେବାର ଅଛି ତେବେ ମୋତେ କେବଳ ଜନ୍ମ ଜନ୍ମର ଆପଣଙ୍କ ସଙ୍ଗ-ସାନ୍ନିଧ୍ୟ, ଜନ୍ମ ଜନ୍ମର ନିଜ ପ୍ରେମ, ଭଗବତ୍ ପ୍ରେମ, ଭଗବଦ୍ ସ୍ମରଣ ହିଁ ଦିଅନ୍ତୁ । ଏହା ବ୍ୟତୀତ ଗଣେଶନାଥ ଆପଣଙ୍କ ଠାରୁ ଆଉ କିଛି ବି ଚାହୁଁ ନାହିଁ ।

ଏହିପରି ଭଗବଦ୍ ସ୍ମରଣ କରି କରି ରାତି ବିତିଗଲା । ସକାଳୁ ଶିବାଜି ଆସି ତାଙ୍କର ଦର୍ଶନ କଲେ । ତାଙ୍କୁ ପ୍ରଣାମ କରି ପଚାରିଲେ– 'ମହାରାଜ ! ଆପଣ ସୁଖପୂର୍ବକ ରାତ୍ରି ବିଶ୍ରାମ କରି ପାରିଲେ କି ନାହିଁ ?

ଗଣେଶନାଥ କହିଲେ– 'ଯେଉଁ କ୍ଷଣ ବିଠଲଙ୍କ ନାମ ସ୍ମରଣ କରି କରି ବିତେ, ତାହା ସଫଳ ହୋଇଥାଏ । ଆଜି ରାତିଟି ଭଗବଦ୍ ସ୍ମରଣ, ହରି ସ୍ମରଣ କରି କରି ବିତିଗଲା, ଏଣୁ ତାହା ନିଃସନ୍ଦେହ ସଫଳ ହେଲା ।' ଭକ୍ତ ଗଣେଶନାଥଙ୍କ ଦିବ୍ୟ ଭଗବଦ୍ ଭାବକୁ ଶୁଣି ଶିବାଜିଙ୍କ ନେତ୍ରରୁ ଅଶ୍ରୁ ଝରିବାରେ ଲାଗିଲା । ଜଣେ ସାଧୁଙ୍କୁ ଭୌତିକ ସୁଖ-ଭୋଗ ମଧ୍ୟରେ ରାତ୍ରି ବିଶ୍ରାମ କରିବା ପାଇଁ ଅନୁରୋଧ କରିବା ଅନୁଚିତ, ଏହି ଅନୁଭବ ସେ କରି ପାରିଲେ ।

ଶିବାଜି ଏସବୁ ଜଣେ ସନ୍ଥଙ୍କ ପ୍ରତି ନିଜର ପ୍ରେମ ଓ ସମ୍ମାନ କାରଣରୁ ହିଁ କରିଥିବା କଥାଟି ପ୍ରକୃତରେ ସତ ଥିଲା । ଭକ୍ତ ଗଣେଶନାଥ ମଧ ତାଙ୍କ ହୃଦୟର ନିର୍ମଳତା ଓ ପ୍ରେମକୁ ଭଲ ଭାବରେ ଜାଣିଥିଲେ । ସେଥିପାଇଁ ତ ସେ ଇଚ୍ଛା ନ ଥାଇ ବି ଶିବାଜିଙ୍କ ଅନୁରୋଧକୁ ସ୍ୱୀକାର କରିଥିଲେ । ସେ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଶିବାଜିଙ୍କୁ ଦେଖିଲେ ଓ ତାଙ୍କୁ ଆଶୀର୍ବାଦ ଦେଲେ । ଉକ୍ତ ପ୍ରସଙ୍ଗରେ ଉଲ୍ଲେଖନୀୟ କଥା ହେଉଛି, ଲୋକଖ୍ୟାତି ଅଥବା ଲୋକପ୍ରତିଷ୍ଠା ପାଇବାର ଲାଳସା ମଧ ଭଗବଦ୍ ମାର୍ଗରେ ଏକ ବହୁତ ବଡ଼ ବିଘ୍ନ । ଗଣେଶନାଥଙ୍କ ଭଳି ପରମ ବୈରାଗ୍ୟ ଭକ୍ତ ଏହି ବିଘ୍ନଗୁଡ଼ିକରୁ ଅସ୍ପର୍ଶ ଥିଲେ, ଏହା ନିଃସନ୍ଦେହ, କିନ୍ତୁ ସାଧାରଣ ସାଧକ ସୁଖ ଭୋଗ ପାଇବାର ଲାଳସା କାରଣରୁ ସାଧନାରୁ ବିଚଳିତ ହୋଇଥାନ୍ତି । ଲୋକ ପ୍ରତିଷ୍ଠା ମିଳିଲେ ସାଧକ ବହୁତ ଶୀଘ୍ର ମୋହ ରେ ପଡ଼ି ଯାଏ ଏବଂ ତା ମନ ଭିତରେ ଲୋକପ୍ରତିଷ୍ଠା, ଲୌକିକ ସୁଖଭୋଗ ପାଇବାର ଲାଳସା ଆହୁରି ତୀବ୍ର ହୋଇଯାଏ ଏବଂ ଶେଷରେ ତା'ର ପତନ ହୋଇଥାଏ । ତେଣୁକରି ସାଧକମାନେ ଏସବୁ ଜିନିଷ ଠାରୁ ଦୂରେଇ ରହିବା ଉଚିତ ।

ଯଦି କେଉଁଠି ଲୋକପ୍ରତିଷ୍ଠା ମିଳେ ତ ସେଥିପ୍ରତି ମୋହ କରିବା ଠିକ୍ ନୁହେଁ । ସେଥିପାଇଁ କୁହାଯାଇଛି – ସାଧକ ମାନ-ସମ୍ମାନ ଓ ପ୍ରତିଷ୍ଠାକୁ ଘୁଷୁରିର ବିଷ୍ଠା ସମାନ ମାନି ସେଗୁଡ଼ିକରୁ ଦୂରେଇ ରହିବା ଆବଶ୍ୟକ । ଭକ୍ତ ଗଣେଶନାଥ ଏସବୁ ଜିନିଷ ପ୍ରତି ସର୍ବଦା ସାବଧାନ ରହୁଥିଲେ । ପଣ୍ଢରପୁରରେ ତାଙ୍କର ଜୟ ଜୟକାର ହେଲା । ଲୋକମାନେ ତାଙ୍କର ଦର୍ଶନ ଓ ସତ୍ସଙ୍ଗ ପାଇଁ ଆସିବାରେ ଲାଗିଥିଲେ । ତାଙ୍କର ଲୋକପ୍ରତିଷ୍ଠା ବଢ଼ି ଚାଲିଥିଲା, କିନ୍ତୁ ଲୋକପ୍ରତିଷ୍ଠାକୁ ସେ ନିଜର ଭଗବନ୍ ମାର୍ଗରେ କେବେ ବି ବାଧା-ବିଘ୍ନ ହେବାକୁ ଦେଇ ନ ଥିଲେ । ନିଜ ପ୍ରତି ଲୋକମାନଙ୍କର ବଢୁଥିବା ପ୍ରେମ ଓ ସମ୍ମାନକୁ ସେ ମାନସିକ ରୂପେ ଭଗବାନଙ୍କ ଚରଣରେ ସମର୍ପିତ କରି ସେସବୁ ଜିନିଷରୁ ସର୍ବଦା ଅସ୍ପର୍ଶ ରହିଲେ । କିନ୍ତୁ ହଁ ! ଫୁଲ ଫୁଟିଲେ ସୁଗନ୍ଧ ବିସ୍ତାର ହେବା କଥାଟି ବି ସତ । ସେଥିରେ ଆକର୍ଷିତ ହୋଇ ଭଗବନଙ୍କ ପ୍ରେମୀମାନେ ଭକ୍ତ ଗଣେଶନାଥଙ୍କ ଭଳି ଭଗବଦ୍ ଭକ୍ତଙ୍କ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ ଥିଲା ।

ସେଥିପାଇଁ ଗଣେଶନାଥ ଜଙ୍ଗଲରେ ଏକାନ୍ତରେ ବସିଥିଲେ ବି ଲୋକମାନେ ତାଙ୍କ ପାଖରେ ଏକାଠି ହୋଇ ଯାଉଥିଲେ, ତାଙ୍କର ଦର୍ଶନ କରୁଥିଲେ, ତାଙ୍କ ସାଙ୍ଗରେ କୀର୍ତ୍ତନ କରୁଥିଲେ ଏବଂ ଆନନ୍ଦ ମଗ୍ନ ହୋଇଯାଉଥିଲେ । ଶେଷରେ ଗଣେଶନାଥଙ୍କ ପ୍ରେମ ବିଠ୍‌ଲ ଭଗବାନଙ୍କୁ ଦର୍ଶନ ଦେବା ପାଇଁ ବାଧ କରିଦେଲା । ତାଙ୍କୁ ଭଗବାନଙ୍କ ଦିବ୍ୟସ୍ୱରୂପର ଦର୍ଶନ ହେଲା । ଦର୍ଶନ ପାଇବା ପରେ ଗଣେଶନାଥ ହଜାର ହଜାର ଲୋକ ଙ୍କ ଗହଣରେ ରହି ମଧ ବ୍ରାହ୍ମୀ ଭାବଦଶାରେ ବୁଡ଼ି ରହୁଥିଲେ । ସେ ବସାଉଠା କରିବା, ଖାଇବା-ପିଇବା, ହସିବା-କହିବା ବେଳେ ସର୍ବଦା ବ୍ରହ୍ମଭାବରେ ହିଁ ରହୁଥିଲେ । ସଂସାରରେ ରହି ମଧ ସେ ସଂସାର ଠାରୁ ଅସ୍ପର୍ଶ ଥିଲେ । ବ୍ରାହ୍ମୀ ଭାବଦଶାରେ ସେ ଯାହାକୁ ବି ଛୁଇ ଦେଉଥିଲେ, ସେ ସେଠାରେ ଉନ୍ମତ୍ତ ହୋଇ ନାଚିବାରେ ଲାଗୁଥିଲା । ତାଙ୍କ ଆଧାତ୍ମିକ ଆଭାମଣ୍ଡଳରେ ପହଞ୍ଚି, ତାଙ୍କ ପାଖରେ ପହଞ୍ଚି ଲୋକେ ପରମ ଆଧାତ୍ମିକ ଉର୍ଜାଃର ଅନୁଭୂତି ପାଉଥିଲେ, ଭଗବାନଙ୍କ ନାଁ ନେଉଥିଲେ । ସମସ୍ତ ଭକ୍ତଜନ ଭକ୍ତ ଗଣେଶନାଥଙ୍କ ସାନ୍ନିଧ୍ୟରେ ଭଗବାନଙ୍କ ପ୍ରେମରେ ଉନ୍ମତ୍ତ ହୋଇ, ତାଙ୍କ ସାଙ୍ଗରେ କୀର୍ତ୍ତନ କରିବାକୁ ବିବଶ ହୋଇ ଯାଉଥିଲେ । ବାସ୍ତବରେ ସନ୍ଥ ଓ ଭକ୍ତ ଏହିପରି ହୋଇଥାନ୍ତି, ଯାହାଙ୍କ ସାନ୍ନିଧ୍ୟରେ ପହଞ୍ଚିବା ମାତ୍ରେ ମନୁଷ୍ୟକୁ ସଂସାର ରସ ସ୍ୱାଦହୀନ ଲାଗେ ଏବଂ ସେ ଭଗବତ୍ ପ୍ରେମର ରସରେ ଓତପ୍ରୋତ ହୋଇ ନିଜ ଜୀବନକୁ ଧନ୍ୟ କରିନିଏ । ବାସ୍ତବରେ ବଡ଼ ଅଦ୍‌ଭୁତ ଥିଲା ସନ୍ଥ ଗଣେଶନାଥଙ୍କ ଭଗବଦ୍ ଭକ୍ତି ।

## ଆଜିର ଚିନ୍ତନ

**ବି**ଶାଳ ସୈନ୍ୟବାହିନୀର ଜୟଧ୍ୱନିର ପ୍ରଚଣ୍ଡ କୋଳାହଳରେ ନିଦ ଭାଙ୍ଗିଗଲା ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଦାଓଜେନ୍‌ସଙ୍କର । ବିଜୟ ଉଲ୍ଲାସରେ ଆଗକୁ ମାଡ଼ି ଚାଲିଥିବା ବିଶ୍ୱ ବିଜୟୀ ଗ୍ରୀକ୍ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କ ସେନାକୁ ଆଡ଼େଇ ସମ୍ରାଟଙ୍କ ସମ୍ମୁଖରେ ଠିଆହୋଇ ହାତରେ ଧରିଥିବା ମୁଦ୍ରାଟିକୁ ବଢ଼େଇ ଦାର୍ଶନିକ ଦାଓଜେନ୍‌ସ କହିଲେ– ସମ୍ରାଟ କିଛିଦିନ ତଳେ କେହି ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ମୋ କୁଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ ଏହି ମୁଦ୍ରାଟିକୁ । ସେହିଦିନଠାରୁ ଏହାକୁ ସଂରକ୍ଷିତ ଓ ସୁରକ୍ଷିତ ରଖିଥୁଲି କୌଣସି ଏକ ବଡ଼ ଭିକାରିକୁ ଦେବାପାଇଁ । ସୌଭାଗ୍ୟବଶତଃ ଆଜି ବିଶ୍ୱର ସବୁଠାରୁ ବଡ଼ ଭିକାରିକୁ ପାଇଗଲି । ଏହାକୁ ଗ୍ରହଣ କରନ୍ତୁ । କ୍ରୋଧ ଜର୍ଜରିତ ଆଲେକ୍‌ଜାଣ୍ଡାର ନିଜ ପାରିଷଦ ଓ ସୈନ୍ୟବାହିନୀଙ୍କ ଗହଣରେ ଏଭଳି ଧୃଷ୍ଟତା ଦେଖି କଡ଼ା ଶବ୍ଦରେ କହିଲେ– ଜାଣିଛ, ତୁମେ କାହା ସମ୍ମୁଖରେ ଠିଆ ହୋଇଛ ଓ କାହାକୁ କ'ଣ କହୁଛ ? ମୁଁ ହେଉଛି ମହା ପରାକ୍ରମୀ ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର ଯାହାଙ୍କ ପାଖରେ ବିଶ୍ୱର ସକଳ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ପଦାନତ । ତୁମର ଏଭଳି ଧୃଷ୍ଟତା ପାଇଁ ଶିରଚ୍ଛେଦ ହିଁ ଏକମାତ୍ର ବିକଳ୍ପ । ଆଲେକ୍‌ଜାଣ୍ଡାରଙ୍କ ଧମକରେ ତିଳେ ହେଁ ବିଚଳିତ ନ ହୋଇ ସହାସ୍ୟ ବଦନରେ ମହାଜ୍ଞାନୀ ଦାଓଜେନ୍‌ସ କହିଲେ– ବିଶ୍ୱର ସବୁ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଥାଇ ମଧ ଯାହା ପାଖରେ ପାଇବାର ଭୋକ ମେଣ୍ଟି ନାହିଁ,ସେ ସବୁଠାରୁ ବଡ଼ ଭିକାରି ନୁହେଁ ତ ଆଉ କ'ଣ ! ଦାର୍ଶନିକଙ୍କ ଏହି ଦର୍ଶନର ମର୍ମ ସେଦିନ ହୁଏତ ବୁଝି ପାରି ନ ଥିଲେ ଆଲେକ୍‌ଜାଣ୍ଡାର । କିନ୍ତୁ ଅକାଳ ବିୟୋଗ ପୂର୍ବରୁ ଜୀବନର ବାସ୍ତବତା ଓ ଧନ ସମ୍ପତ୍ତିର ପ୍ରାସଙ୍ଗିକତା ସମ୍ବନ୍ଧରେ ନିଜ ପାଖାପାଖି ଲୋକଙ୍କୁ ଡାକି କହିଥିଲେ –ମୋ ଶବାଧାରକୁ ସମାଧି ସ୍ଥଳକୁ ନେବାବେଳେ ମୋ ହାତଯୋଡ଼ିକୁ ଦୁଇପଟକୁ ଝୁଲାଇ ଦେଇଥବ, ଯେମିତି ସମସ୍ତ ବିଶ୍ୱବାସୀ ଦେଖିବେ ଯେ ଆଲେକ୍‌ଜାଣ୍ଡାର ଶୂନ୍ୟହସ୍ତରେ ଆସିଥିଲା ଆଉ ମୃତ୍ୟୁ ପରେ ଖାଲିହାତରେ ଫେରିଗଲା ।

ସେହିପରି ଧର୍ମରାଜ ଯୁଧିଷ୍ଠିରଙ୍କୁ ଏକ ଚମତ୍କାର ପ୍ରଶ୍ନ କରିଥିଲେ ଯକ୍ଷ । ଏ ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟ କ'ଣ ? ଯଥାର୍ଥ ଉତ୍ତର ଦେଇ ଜ୍ୟେଷ୍ଠ ପାଣ୍ଡବ କହିଥିଲେ– ପ୍ରତିଦିନ ଶହ ଶହ ମଣିଷ ଯମାଳୟ ଯାତ୍ରା କରୁଛନ୍ତି, ତଥାପି ମଣିଷ ଅମର ହୋଇ ଏ ସଂସାରରେ ରାଜ୍ କରିବାର ଦିବାସ୍ୱପ୍ନ ଦେଖୁଛି । ଏହା ହିଁ ଆଶ୍ଚର୍ଯ୍ୟ ଓ ବିଡ଼ମ୍ବନାର ବିଷୟ । ତେବେ ଜୀବନର ଶ୍ରେଷ୍ଠତ୍ୱ କ'ଣ ? ଟଙ୍କାର ପାହାଡ଼ ଉପରେ ଠିଆହୋଇ ଶୂନ୍ୟହସ୍ତରେ ଫେରୁଥିବା ମଣିଷ ନା ଆଣ୍ଠୁ ଯାଏଁ ଦେଶୀ ଲୁଗାଟିଏ ପିନ୍ଧି ଦେଶର ରାଷ୍ଟ୍ରପିତା ଓ ବିଶ୍ୱରେ ଅହିଂସାର ପୂଜାରୀ ଭାବରେ କୋଟି କୋଟି ଜନତାଙ୍କ ହୃଦୟରେ ବିରାଜମାନ ଥିବା ଜଣେ ସରଳ ମଣିଷ ! ସତ କହିଲେ ଆଜି ମଣିଷ ପାଖରେ ଭରପୂର ସମ୍ପଦ ଅଛି, ମାତ୍ର ଭୋକ ନାହିଁ । ସୁକୋମଳ ଗଦି ଅଛି, ନିଦ ନାହିଁ । ସମ୍ପତ୍ତି ଅଛି, ସମ୍ପର୍କ ନାହିଁ । ମଣିଷ ଏକ ପ୍ରକାର ନିଃସଙ୍ଗ ଓ ନିଃସ୍ୱ । ଦୁନିଆରେ କେବଳ ଭାଗ୍ୟବାନ୍ ସେହି – ଯାହା ପାଖରେ 'ଭୋଜନ' ସହ 'ଭୋକ' ଅଛି । 'ଶଯ୍ୟା' ସହ 'ନିଦ୍ରା' ଅଛି । ଆଉ 'ଧନ' ସହ 'ଧର୍ମ' ବି ଅଛି । ତେଣୁ ହେ ଜୀବଶ୍ରେଷ୍ଠ ମଣିଷ ଜୀବନର ବାସ୍ତବତାକୁ ଉପଲବ୍ଧିକରି ସାର୍ଥକ ଜୀବନ ଜିଇଁବାର ସଂକଳ୍ପବଦ୍ଧ ହୁଅ ।

ସ୍ତ୍ରୀଶକ୍ତି

ବର୍ଷ ୨୮, ସଂଖ୍ୟା - ୨୮, ୧୪ - ୨୦ ଜୁଲାଇ ୨୦୨୪

# ନିଟ୍ ବିବାଦ ଓ ମେଧାବୀଙ୍କ ଭବିଷ୍ୟତ

ଗତ ମେ '୫ରେ ହୋଇଥିବା ଏନଇଇଟି ୟୁଜି ପରୀକ୍ଷାରେ ୨୪ ଲକ୍ଷ ଛାତ୍ରାଛାତ୍ର ଭାଗ ନେଇଥିଲେ । ୬୭ ପରୀକ୍ଷାର୍ଥୀ ୭୨୦ରୁ ୭୨୦ ନମ୍ବର ରଖି ର୍ୟାଙ୍କ୍ ଓ୍ୱାନ୍‌ରେ ସ୍ଥାନ ପାଇବାରୁ ପରୀକ୍ଷାରେ ଅନିୟମିତତା ହୋଇଥିବା ସନ୍ଦେହ ପ୍ରକାଶ ପାଇଥିଲା । ପ୍ରଶ୍ନପତ୍ର ଲିକ୍‌ରୁ କେତେଜଣ ଉପକୃତ ହୋଇଛନ୍ତି ଏବଂ କେନ୍ଦ୍ର ସରକାର ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ ଜାଣିବାକୁ ଚାହିଁଥିଲେ । ଅସାଧୁ ଉପାୟ ଅବଲମ୍ବନ କରିଥିବା କେତେଜଣଙ୍କ ଫଳକୁ ସ୍ଥଗିତ ରଖାଯାଇଛି । ସବିଶେଷ ବିବରଣୀ ଦେବାକୁ ଖଣ୍ଡପୀଠ କହିଛନ୍ତି । ପରୀକ୍ଷା ବାତିଲ ନ କରିବା ପାଇଁ କେନ୍ଦ୍ର ସରକାର ଏବଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ନିର୍ଦ୍ଦେଶ ଦେବା ପାଇଁ । ସୂଚନାଯୋଗ୍ୟ, ୬୭ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖିବା ଏନ୍‌ଟିଏ ଇତିହାସରେ ଅଭୂତପୂର୍ବ । ସେମାନଙ୍କ ମଧ୍ୟରୁ ୬ ଜଣ ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ଛାତ୍ରାଛାତ୍ର ଥିଲେ, ଯାହାକୁ ନେଇ ପରୀକ୍ଷାରେ ଅନିୟମିତତା ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା । ଗ୍ରେସ୍ ମାର୍କ ପାଇଥିବା ପିଲାଙ୍କ ପାଇଁ ପୁନି ପରୀକ୍ଷା ପରେ ର୍ୟାଙ୍କ୍ ଓ୍ୱାନ୍‌ରେ ଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ୬୭ରୁ ୬୧କୁ ହ୍ରାସ ପାଇଥିଲା ।

ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତ୍ତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତାମୂଳକ ବୃତ୍ତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା । କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇନଥିଲା । ଚଳିତ ନିଟ ପରୀକ୍ଷାରେ ପ୍ରାୟ ଏକ ଲକ୍ଷ ସରିକି ଏମବିବିଏସ୍ ସିଟ୍ ଲାଗି ପ୍ରାୟ ୨୪ ଲକ୍ଷ ପରୀକ୍ଷାର୍ଥୀ ଆବେଦନ କରିଥିଲେ, ଅର୍ଥାତ୍ ପ୍ରତି ଆସନ ଲାଗି ପ୍ରାୟ ୨୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରତ । ଏପରି ସ୍ଥଳେ ଛାତ୍ରଛାତ୍ରୀମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନସାପେକ୍ଷ । ଏହି କାରଣରୁ ରାଜସ୍ଥାନର କୋଟାରେ ଥିବା ମେଡିକାଲ ଓ ଇଂଜିନିୟରିଂ କୋଚିଂ ସେଣ୍ଟରଗୁଡ଼ିକ ସକାଶେ ଚୁମ୍ବକୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି ।


ଏନଇଇଟି ୟୁଜି ପରୀକ୍ଷାରେ ଅନିୟମିତତା ଓ ଫଳ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଛି । ଏହାକୁ ନେଇ ଦିନକୁ ଦିନ ନାନା ବିବାଦ - ସୃଷ୍ଟି ହେଉଥିବା ବେଳେ ଚଳିତ ବର୍ଷ ମେଡିକାଲ ଓ ଫେଲୋସିପ ପରୀକ୍ଷାରେ ବୈଷୟିକ ତ୍ରୁଟି, ପ୍ରଶ୍ନପତ୍ର ପ୍ରଘଟ ଓ ନକଲି ପରୀକ୍ଷାର୍ଥୀ ହାଉଯାଉ ହେବା ସହିତ ଜାଣି ଶୁଣି କେତେ ଜଣଙ୍କୁ ଗ୍ରେସ ମାର୍କ ଦିଆଯିବା ବିଷୟ ପଦାକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା । ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମବିବିଏସ) ଓ ୨୬ ହଜାର ୯୪୯ (ବିଡିଏସ) ସହିତ ଅନ୍ୟାନ୍ୟ ସିଟ୍ ପାଇଁ ପରୀକ୍ଷା ଦେଇଥିବା ବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକମାନଙ୍କୁ ମଧ ଚକିତ କରିଦେଇଛି ।

ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନ ଅନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବସିତ ପରୀକ୍ଷାଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଛି । ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ । ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡଲାଇନ, ଏସଓପିଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ । ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ୍ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ ।

ପ୍ରଥମେ ୟୁଜି-ନିଟ ଏବଂ ପରେ ୟୁଜିସି - ନେଟ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏନଟିଏର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । କାରଣ ଏନଟିଏ ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ । ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଞ୍ଚ କଥା ମଧ ବୁଝିଥାଏ ଏହି ସୁଙ୍ଖଳିତ ସଂସ୍ଥା । ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆ ସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ । ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ? ପୂର୍ବରୁ ମେଡିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ଏ.ଆଇ.ପି. ଏମ୍. ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା । କିନ୍ତୁ ୨୦୧୭ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ ନିଟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି । ପଞ୍ଜୀକରଣରୁ ହିଁ ଚଳିତ ବର୍ଷ ନିଟ ପରୀକ୍ଷାର ଅନିୟମିତତାର ଅଭିଯୋଗ ଉଠିଥିଲା ।

ଏକ ତଥ୍ୟ ଅନୁଯାୟୀ ୨୦୧୯-୨୧ ମଧ୍ୟରେ ଆମ ଦେଶରେ ପ୍ରାୟ ୩୫,୦୦୦ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି । ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ । ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେସାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ ମତ ପ୍ରକାଶ ପାଇଛି । ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି । ଇତିମଧରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନ ଅନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବସିତ ପରୀକ୍ଷାଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଛି । ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ । ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପିଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ । ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ । ଏଥିରୁ ଉପଲବ୍ଧ ବିମର୍ଷକର ଉପସଂହାରଟି ହେଲା ଛାତ୍ରଛାତ୍ରୀଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଅଧକ୍ଷପତିତ ଏବଂ ଏଭଳି ପରିବେଶରେ ଅନେକ ଛାତ୍ରଛାତ୍ରୀଙ୍କ ନିରନ୍ତର ପରିଶ୍ରମ ନିରର୍ଥକ ହୋଇଯାଏ । ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁର୍ଣ୍ଣ କରୁଛି । ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ ।

ବର୍ତ୍ତମାନର ନିଟ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନହୋଇ ଆବଶ୍ୟକ ସମୟ ନେଇ ଅନୁଧ୍ୟାନ ସୁପାରିଶ କରିବା ଆବଶ୍ୟକ । ଏନଟିଏ ସ୍ଥାପନ ହେବା ଦିନଠାରୁ କେତେଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ । ଏ ସବୁ ଅନିୟମିତତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାର ପୃଷ୍ଠଭୂମିରେ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ହଠାତ୍ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ । ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏକଥା ସମସ୍ତଙ୍କୁ ମନେ ରଖିବାକୁ ହେବ ।



## ବିକେନ୍ଦ୍ରୀକରଣ

**ମହାତ୍ମା ଗାନ୍ଧୀ**

ମୁଁ ପ୍ରସ୍ତାବ କରୁଛି ଯେ, ଯଦି ଭାରତବର୍ଷକୁ ଅହିଂସାର ଧାରାରେ ବିକଶିତ ହୋଇ ଆସିବାକୁ ହୁଏ, ତେବେ ତାକୁ ଅନେକ ବସ୍ତୁର ବିକେନ୍ଦ୍ରୀକରଣ କରାଇବାକୁ ହେବ । ଉପଯୁକ୍ତ ବଳପ୍ରୟୋଗର ବ୍ୟବସ୍ଥା ନଥିଲେ କେନ୍ଦ୍ରୀକରଣକୁ ଆଦୌ ସ୍ଥାୟୀ ଅଥବା ସୁରକ୍ଷିତ କରି ରଖି ହେବନାହିଁ । ଯେଉଁସବୁ ଅତି ସରଳ ଗୃହମାନଙ୍କରେ ନେଇ ପଳାଇଯିବା ଭଳି କୌଣସି ଦ୍ରବ୍ୟ ନ ଥିବ, ସେଠାରେ ପୋଲିସ୍ ପହରା ଦେବାର କୌଣସି ପ୍ରୟୋଜନ ହେବନାହିଁ । କେବଳ ଧନୀବ୍ୟକ୍ତିମାନଙ୍କର ପ୍ରାସାଦଗୁଡ଼ିକୁ ଡକାୟତମାନଙ୍କ ହାତରୁ ରକ୍ଷା କରିବା ଲାଗି ହିଁ ବଳୁଆ ଜଗୁଆଳୀମାନେ ଲୋଡ଼ା ହେବେ । ସାମରିକ, ନୌସେନା ତଥା ବାୟୁସେନା ଦ୍ୱାରା ସୁସଜ୍ଜିତ ଓ ସୁସଜ୍ଜିତ ହୋଇ ରହିଥିବା ସହରକେନ୍ଦ୍ରିକ ଏକ ଭାରତବର୍ଷ ଅପେକ୍ଷା ଗ୍ରାମକେନ୍ଦ୍ରିକ ଭାରତବର୍ଷ ଲାଗି ବିଦେଶୀ ଆକ୍ରମଣର କମ୍ ଭୟ ରହିବ ।

ଏକ ଅହିଂସାତ୍ମକ ସଂଗଠନ ରହିଥିବା ସମାଜ ସହିତ କେନ୍ଦ୍ରୀକରଣର ବ୍ୟବସ୍ଥା ମୋଟେ ଖାପ ଖାଇବ ନାହିଁ । ବଳ ଉପରେ ଆଧାରିତ ଏକ ଆଧୁନିକ ରାଷ୍ଟ୍ର ପକ୍ଷରେ ଅହିଂସ ଉପାୟରେ ହିଁ ବାହାର ବା ଭିତରର ଶକ୍ତିଗୁଡ଼ିକର ପ୍ରତିରୋଧ କରିବା ଆଦୌ ସମ୍ଭବ ହେବନାହିଁ । ଜଣେ ବ୍ୟକ୍ତି କଦାପି ଈଶ୍ୱରଙ୍କୁ ଏବଂ ଅର୍ଥରାକ୍ଷସକୁ ଏକ ସମୟରେ ଉପାସନା କରି ପାରିବ ନାହିଁ କିମ୍ବା ଯୁଗପତ୍‌ଭାବରେ 'କୋମଳ ଏବଂ କର୍କଶ' କଦାପି ହୋଇ ପାରିବ ନାହିଁ । ଏପରି ଦାବି କରାଯାଇଛି ଯେ, ସୈନ୍ୟବଳ ଉପରେ ଅବଲମ୍ବନ କରି ରହିଥିବା ଏକ ବିଶ୍ୱମେଣ୍ଟକୁ ଗୋଟିଏ ରାଷ୍ଟ୍ର ଅହିଂସ ଉପାୟରେ ପ୍ରତିରୋଧ କରି ପାରିବ ଅର୍ଥାତ୍ ସିଏ ନିଜେ ଅହିଂସା ଉପରେ ଆଧାରିତ ହୋଇ ରହି ପାରିବ । ଅଶୋକଙ୍କର ରାଜ୍ୟ ତଥାପି ଅହିଂସା ଉପରେ ଆଧାରିତ ନଥିଲା ବୋଲି କୁହାଗଲେ ମଧ ଉକ୍ତ ଦାବିଟି ସେଥି ଲାଗି ମୋଟେ ଦୁର୍ବଳ ହୋଇ ଯିବନାହିଁ । ତାହାକୁ ତା'ର ନିଜ ଉତ୍କର୍ଷଗୁଡ଼ିକର ପରିପ୍ରେକ୍ଷୀରେ ହିଁ ପରୀକ୍ଷା କରି ଦେଖିବାକୁ ପଡ଼ିବ । ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ ହୋଇ ରହିଥିବା ଗୋଟିଏ ପକ୍ଷ କଦାପି ଅହିଂସାର ନିଦର୍ଶନ ଦେଖାଇ ପାରିବ ନାହିଁ । ତେଣୁ, ଯଦି ରୁଷିଆ ଅହିଂସାର ଉଦାହରଣ ହେବାକୁ ଇଚ୍ଛା କରୁଥାଏ, ତେବେ ତାକୁ ନିଜର ହିଂସାଚରଣ କରିବାର ସମସ୍ତ ଶକ୍ତିକୁ ପରିତ୍ୟାଗ କରିବାକୁ ହେବ । ସତ କଥା ହେଉଛି ଯେ, ଯେଉଁମାନେ ଏକଦା ଅସ୍ତ୍ରବଳରେ ବଳବାନ୍ ଥିଲେ, ଯଦି ସେମାନେ ଆପଣାର ମନକୁ ପରିବର୍ତ୍ତନ କରିବେ, ସେମାନେ ପୃଥିବୀ ସମକ୍ଷରେ ଆପଣା ଅହିଂସାର ପ୍ରମାଣ ଦେବାକୁ ଅପେକ୍ଷାକୃତ ଅଧିକ ସମର୍ଥ ହେବେ ତେଣୁ, ସେମାନଙ୍କର ପ୍ରତିପକ୍ଷ ଗୁଡ଼ିକ ସମକ୍ଷରେ ମଧ ସେହି ଦୃଷ୍ଟିରୁ ଅଧିକ ଯୋଗ୍ୟ ହୋଇ ପାରିବେ ।

ମୋ'ର ଅଭିଜ୍ଞତା ମୋତେ ଶିକ୍ଷା ଦେଇଛି ଯେ, ହିଂସା ଆଚରଣ କରି କଦାପି ସତ୍ୟର ପ୍ରଚାର କରାଯାଇ ପାରିବ ନାହିଁ । ଯେଉଁମାନେ ଆପଣା ଲକ୍ଷ୍ୟର ସମୁଚିତତାକୁ ଜାଣିଛନ୍ତି, ସେମାନଙ୍କ ମଧ୍ୟରେ ଅସୀମ ଧୈର୍ଯ୍ୟ ଅବଶ୍ୟ ରହିଥିବା ଉଚିତ ଯେଉଁମାନେ କୌଣସି ପ୍ରକାର ଅପରାଧମୂଳକ ଆଇନ୍‌ଭଙ୍ଗ ତଥା ହିଂସା ଆଚରଣର ଊର୍ଦ୍ଧ୍ୱରେ ରହିଛନ୍ତି, କେବଳ ସେହିମାନେ ହିଁ ଅସହଯୋଗ ଆନ୍ଦୋଳନରେ ଅଂଶ ଗ୍ରହଣ କରି ପାରିବେ ।


ଯଦି ସରକାର କରୁଥିବା ସଂଗଠିତ ହିଂସା ବିଷୟରେ ମୁଁ କିଛି କରି ନ ପାରିବି, ତେବେ ଜନସାଧାରଣଙ୍କର ଅସଂଗଠିତ ହିଂସା ବିଷୟରେ ହୁଏତ ମୋ'ର ଆହୁରି କମ୍ କୌଣସି କାର୍ଯ୍ୟ କରିବାକୁ ରହିଥିବ । ମୁଁ ବରଂ ଦୁହିଁଙ୍କ ମଧ୍ୟରେ ପେଷି ହୋଇ ଯିବାକୁ ହିଁ ଅଧିକ ପସନ୍ଦ କରିବି ।

ମୋ' ପାଇଁ ସରକାର କରୁଥିବା ହିଂସା ଯେତିକି ବାଧା, ଲୋକମାନଙ୍କର ହିଂସା ମଧ ଠିକ୍ ସେତିକି ବାଧା । ବସ୍ତୁତଃ ଲୋକମାନଙ୍କର ହିଂସା ଅପେକ୍ଷା ସରକାର କରୁଥିବା ହିଂସା ସହିତ ମୁଁ ଅଧିକ ସଫଳତା ସହିତ ଲଢ଼ି ପାରିବି । ଲୋକମାନଙ୍କର ହିଂସା ସହିତ ଲଢ଼ିବାବେଳେ, ସରକାରୀ ହିଂସା ସହିତ ଲଢ଼ିବା ସମୟରେ ମୋତେ ଯେଉଁ ସମର୍ଥନ ମିଳିବ, ତାହା ଆଦୌ ମିଳି ପାରିବ ନାହିଁ ।

ମୁଁ ଅତ୍ୟନ୍ତ ଦୃଢ଼ଭାବରେ କହିବି ଯେ, ହିଂସା ଆଦୌ କୌଣସି ଧର୍ମର ମାର୍ଗ ନୁହେଁ ଅଧିକାଂଶ କ୍ଷେତ୍ରରେ ଅହିଂସା ସବୁ ବ୍ୟକ୍ତିଙ୍କ ପାଇଁ ବାଧ୍ୟତାମୂଳକ ହୋଇ ରହିଥିବା ବେଳେ ହିଂସାକୁ କେବଳ କେତେକ କ୍ଷେତ୍ରରେ ହିଁ ଅନୁମତି ମିଳିଥାଏ । ମାତ୍ର ମୁଁ ଭାରତବର୍ଷର ସମ୍ମୁଖରେ ଦୃଷ୍ଟାନ୍ତ ପ୍ରକାରର ଅହିଂସାକୁ ଆଦୌ ଉପସ୍ଥାପିତ କରିନାହିଁ ।

ମୁଁ ହିଂସାର ବିରୋଧ କରୁଛି କାରଣ, ଯେତେବେଳେ ତାହା କୌଣସି ଉପକାର କରୁଥିବା ପରି ମନେ ହେଉଥାଏ, ସେହି ଉପକାର ପ୍ରକୃତରେ ଅତ୍ୟନ୍ତ କ୍ଷଣସ୍ଥାୟୀ ହୁଏ । ତାହା ଦ୍ୱାରା ଯେଉଁ ଅପକାର ହୁଏ, ତାହା ଚିରସ୍ଥାୟୀ ହୋଇ ରହିଯାଏ ।

## ଆୟୁଷ ବଢ଼ାଏ ଗହମ



ଭୋଜନରେ ଅଧିକ ମାତ୍ରାରେ ଗହମ ଜାତୀୟ ଶସ୍ୟକୁ ସାମିଲ କରିବା ଦ୍ୱାରା ଅସମୟରେ ମୃତ୍ୟୁର ଆଶଙ୍କା ଦୂର ହୋଇଥାଏ । ଆମେରିକାର ହାର୍ଭାର୍ଡ ଟି.ଏଚ୍.ଚାନ୍ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥର ଗବେଷକମାନେ ଏକ ଗବେଷଣାରୁ ଏହି ତଥ୍ୟ ଜାଣିବାକୁ ପାଇଛନ୍ତି । ସେମାନଙ୍କ ମତରେ ଗହମ ଜାତୀୟ ଶସ୍ୟରେ ବିଭିନ୍ନ ପ୍ରକାରର ଜୈବ ସକ୍ରିୟ ଗୁଣ ରହିଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏଥିପାଇଁ ଗବେଷକଙ୍କ ମତାନୁସାରେ ଚୋକଡ଼ ଯୁକ୍ତ ଅଟା ଏବଂ ଗହମ ଜାତୀୟ ଶସ୍ୟରେ ପ୍ରସ୍ତୁତ ଦଲିଆକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କରିବା ଉଚିତ୍ । ଯେଉଁ ଲୋକମାନେ ପ୍ରତିଦିନ ଅତିକମରେ ୭୦ ଗ୍ରାମ୍ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଉଥାନ୍ତି ସେମାନଙ୍କୁ ଅସମୟରେ ମୃତ୍ୟୁର ଆଶଙ୍କା ୨୨ ପ୍ରତିଶତ କମ୍ ରହିଥାଏ ଏବଂ ହୃଦରୋଗରେ ମୃତ୍ୟୁର ଭୟ ଅନ୍ୟମାନଙ୍କ ଅପେକ୍ଷା ୨୩ ପ୍ରତିଶତ କମ୍ ରହିଥାଏ ।

# ସର୍ବେଦ

**କୁଞ୍ଜର ନିଜ ମାରଗ ଚଲେ, ଶ୍ୱାନ ଭୂଁକ ଥକି ଜାୟ ।**
**ବଡ଼ ମେଁ କ୍ଷମା ପ୍ରଧାନ ହୈ, ଜହାଁ କ୍ଷମା ପ୍ରଭୁ ଆୟ ॥୦୯॥**

ଭାଷ୍ୟ - ହାତୀ ନିଜର ମାର୍ଗରେ ଚାଲୁଥାଏ ଆଉ ତା ପଛରେ କୁକୁର ଭୋକି ଭୋକି ଥକିଯାଏ । ଠିକ୍ ସେମିତି ବଡ଼ ମଣିଷମାନେ ନିଜ ମାର୍ଗରେ ଚାଲୁଥାନ୍ତି ଆଉ ଦ୍ୱେଷୀ ପ୍ରାଣୀ ପଛରେ ସେମାନଙ୍କର ନିନ୍ଦା, ଅପବାଦ କରି ଥକି ଯାଆନ୍ତି ଏବଂ ବଡ଼ ମଣିଷ ସମସ୍ତ ବାଧା ବିଘ୍ନକୁ ଏଡ଼େଇବା ସହିତ ସେସବୁକୁ ସହ୍ୟକରି ନିଜର ଉଦ୍ଦେଶ୍ୟକୁ ପ୍ରାପ୍ତ କରି ନିଅନ୍ତି । ସେଥିପାଇଁ ଶ୍ରେଷ୍ଠ ପୁରୁଷଙ୍କର କ୍ଷମା କରିବା ପ୍ରଧାନ ଗୁଣ ଅଟେ । ଯେଉଁଠି କ୍ଷମା ରହିଛି, ସେଠାରେ ପ୍ରଭୁଙ୍କର ନିବାସ ଅଛି । ସେଠାରେ ସମସ୍ତ ଶକ୍ତି, ସମୃଦ୍ଧି ଏବଂ ସଦ୍‌ଗୁଣ ସ୍ୱତଃ ଆସି ପ୍ରାପ୍ତ ହୋଇଯାଏ ।


**କ୍ଷମା ଜ୍ଞାନ ତପ କୋଟ ହୈ, କ୍ଷମା ଶାନ୍ତି ସୁଖ ଧାମ ।**
**କ୍ଷମା ବଡ଼ନ ଶୃଙ୍ଗାର ହୈ, କ୍ଷମା ସାଧ ସବ କାମ ॥୧୦॥**

ଭାଷ୍ୟ - କ୍ଷମା, ଜ୍ଞାନ ଆଉ ତପର ଦୁର୍ଗ ଅଟେ ତଥା କ୍ଷମା ଶାନ୍ତି ଆଉ ସୁଖର କେନ୍ଦ୍ର ଅଟେ । କ୍ଷମା ଶ୍ରେଷ୍ଠ ପୁରୁଷଙ୍କର ଶୋଭା ଅଟେ । କ୍ଷମା ଦ୍ୱାରା ସମସ୍ତ କାର୍ଯ୍ୟର ସିଦ୍ଧି ହୋଇଥାଏ ।

**ଉତ୍ତମ ଗୁଣ ସନ୍ତୋଷ ହୈ, ଉତ୍ତମ ସୁଖ ତହଁ ଆୟ ।**
**ସବ ଦିନ ଏକ ସମାନ ହୈ, ଘଟେ ବଢ଼େ ନହିଁ ପାୟ ॥୧୧॥**

ଭାଷ୍ୟ - ଉତ୍ତମ ଗୁଣ ଏବଂ ସନ୍ତୋଷ ଯେତେବେଳେ ଜୀବନରେ ଆସିଯାଏ ଆଉ କମ୍ ବେଶୀ ନ ହୋଇ ସବୁଦିନ ଏକା ପରି ରହିଥାଏ, ସେତେବେଳେ ଉତ୍ତମ ସୁଖର ପ୍ରାପ୍ତି ହୋଇଥାଏ ।

**ୱିଷୟୌଁ ସେ ମନ ଘେର ଲେ, ମନ ମେଁ କରତ ୱିଚାର ।**
**ଭୋଗ ଜନ୍ମ ବହୁ ଭୋଗିୟା, ଧର**




**ସନ୍ତୋଷ ଅଧାର ॥୧୨॥**

ଭାଷ୍ୟ - ମନ ମଧ୍ୟରେ ପ୍ରକୃତିର ପଦାର୍ଥଗୁଡ଼ିକୁ ଚଞ୍ଚଳ ବୋଲି ଜାଣି ବିଷୟାଦିରୁ ମନକୁ ପ୍ରତିରୋଧ କରନ୍ତୁ । ଏହି ବିଷୟଗୁଡ଼ିକୁ ଭୋଗ କରିବାର ଅନେକ ଜନ୍ମ ହୋଇଗଲା । ଏବେ ଜ୍ଞାନ ଆଧାରରେ ଏଗୁଡ଼ିକରୁ ମୁକ୍ତହୋଇ ସନ୍ତୋଷ ଧାରଣ କରନ୍ତୁ । ବିଷୟାଦିରୁ ସନ୍ତୁଷ୍ଟ ହେବା ପରେ ହିଁ ଆତ୍ମା ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ ଅଗ୍ରସର ହୁଏ ।

**ଚିନ୍ତା ଚାହ ଦୁରାଓ ହୈ, ଘଟ ମେଁ ରହ ଅଁଧ୍ୟାର ।**
**ଜା କହଁ କଛୁ ଇଚ୍ଛା ନହାଁ, ତା କହଁ କର ପ୍ରଭୁ ପ୍ୟାର ॥୧୩॥**

ଭାଷ୍ୟ - ଚିନ୍ତା ଦ୍ୱାରା ଶରୀରରେ ଅନ୍ଧକାର ରହିଥାଏ । ସେଥିପାଇଁ କୌଣସି ପଦାର୍ଥର ପ୍ରାପ୍ତି ନିମନ୍ତେ କାମନାକୁ ପରିତ୍ୟାଗ କରନ୍ତୁ । ଯେଉଁଠି କୌଣସି ବସ୍ତୁ ପ୍ରତି ଇଚ୍ଛା ନାହିଁ, ସେଇଠି ପ୍ରଭୁ ନିଜର ପ୍ରେମ ପ୍ରଦାନ କରିଥାନ୍ତି ।

**ଚାହ ନହାଁ ଚିନ୍ତା ନହାଁ, ଆଶ ୱାସନା ନାଶ ।**
**ସନ୍ତୋଷୀ ନିର୍ଦ୍ୱନ୍ଦ୍ୱ ହୈ, ସବ ସୁଖ ହୈ ତେହି ପାସ ॥୧୪॥**

ଭାଷ୍ୟ - ଯାହାର କୌଣସି ବସ୍ତୁ ପ୍ରତି ଇଚ୍ଛା ନାହିଁ, ସେଠାରେ ସମସ୍ତ ଆଶାର ବିନାଶ ହୋଇଯାଏ । ସେଥିପାଇଁ ସେହି ନିର୍ଦ୍ୱନ୍ଦ୍ୱ ଏବଂ ସନ୍ତୋଷ ବ୍ୟକ୍ତିକୁ ସମସ୍ତ ସୁଖ ପ୍ରାପ୍ତ ହୋଇଥାଏ । ଆଶା ବାସନାଯୁକ୍ତ ଜୀବନରେ ସର୍ବଦା ଦ୍ୱନ୍ଦ୍ୱ ଆଉ ଅଶାନ୍ତି ବାସ କରିଥାଏ, ଯାହା ଏକମାତ୍ର ପ୍ରଭୁ ଅନୁରାଗରେ ଲାଗିଥାଏ, ସେହି ପବିତ୍ର ଭକ୍ତ ସର୍ବଦା ପ୍ରଭୁ ଭଜନରେ ନିମଗ୍ନ ହୋଇ ଶାନ୍ତ ଆଉ ସନ୍ତୁଷ୍ଟ ରହିଥାଏ । ବିଷୟ ରାଗର ଇଚ୍ଛା ହିଁ ସମସ୍ତ ଦୁଃଖ, ଅଶାନ୍ତି ଏବଂ ବିପଦର ଘର ଅଟେ । ସେଥିପାଇଁ ସମସ୍ତ ସନ୍ଥ ଆଉ ସଦ୍‌ଗୁରୁ ଜନ ବୈରାଗ୍ୟ, ତ୍ୟାଗ ଆଉ ପ୍ରଭୁ ଭଜନ କରିବାର ଉପଦେଶ ପ୍ରଦାନ କରିଥାନ୍ତି ।

**ସୁଖୀ ଶାନ୍ତି ସନ୍ତୋଷ ହୈ, ଶୋଭା ତେଜ ପ୍ରଭାଓ ।**
**ସନ୍ତୋଷୀ ଜନ ଧନ୍ୟ ହୈଁ, ପ୍ରଭୁ ଶରଣାଗତ ଆଓ ॥୧୫॥**

ଭାଷ୍ୟ - ପ୍ରଭୁ ଶରଣାଗତ, ସନ୍ତୋଷୀଜନ ଧନ୍ୟ ଅଟନ୍ତି, ଯେଉଁମାନେ ସନ୍ତୁଷ୍ଟହୋଇ ସୁଖୀ ଶାନ୍ତି ଏବଂ ତେଜ, ପ୍ରଭାବ ଓ ଶୋଭାଯୁକ୍ତ ହୋଇଥାନ୍ତି ।

**ଧୀରଜ ଅଚଲ ସୁମେରୁ ସମ, ୱିଘ୍ନ ଆୟ ଫିର ଜାୟ ।**
**ଡୀଗେ ଧୀର ନ ତୀଲ ଭର, ଧୀର ଅଗମ ଗମ ପାୟ ॥୧୬॥**

ଭାଷ୍ୟ - ଧୈର୍ଯ୍ୟବାନ୍ ପୁରୁଷ ସୁମେରୁ ଗିରି ସମାନ ଅଚଳ, ଦୃଢ଼ ରହିଥାନ୍ତି ଯାହା ଫଳରେ ବିଘ୍ନ ଆସିଲେ ସୁଦ୍ଧା ଫେରିଯାଏ । ସେପରି ବ୍ୟକ୍ତି ତିଳେମାତ୍ର ନିଜର ପଦ, ସିଦ୍ଧାନ୍ତ ଜ୍ଞାନରୁ ବିଚଳିତ କିମ୍ବା ବିଚ୍ୟୁତ ହୁଅନ୍ତି ନାହିଁ । ଠିକ୍ ସେହିପରି ଆଧ୍ୟାତ୍ମ ପଥରେ ଧୀର, ସନ୍ଥ ପ୍ରକୃତିପାର ଏବଂ ଅନୁଭବଗମ୍ୟ ପଥରେ ଅଗ୍ରସର ହୋଇ ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିଥାନ୍ତି । ଅନେକ ବାଧା ବିଘ୍ନ ଆସିଲେ ସୁଦ୍ଧା ନିଜର ସଦ୍‌ଗୁରୁ ମାର୍ଗ, ସିଦ୍ଧାନ୍ତରୁ କିଞ୍ଚିତ୍ ମାତ୍ର ମଧ୍ୟ ବିଚଳିତ ହୋଇ ନ ଥାନ୍ତି ।

**ଧୀରେ ଧୀରେ ଗମ ଚଲେ, ଧୀରେ ଅନ୍ତର ଜାୟ ।**
**ଧୀରେ ଧୀରେ ହରି ମିଲେ, ଧୀରେ ଅଗମ ସମାୟ ॥୧୭॥**

ଭାଷ୍ୟ - ଧୀରେ ଧୀରେ ଇପ୍ସିତ ମାର୍ଗରେ ଅଗ୍ରସର ହୁଅ ଏବଂ ଧୀରେ ଧୀରେ ଅନ୍ତର ସାଧନ ଭେଦରେ ଗମନ କର । ସେହି ପ୍ରକାର ଧୀରେ ଧୀରେ ଅନୁଭବ ଭେଦ ସାକ୍ଷାତ୍କାର ହୋଇଥାଏ । ଏମିତି କ୍ରମେ କ୍ରମେ ଅଗ୍ରସର ହୋଇ କଦାଚିତ୍ ନିଜର ଚେତନଲୋକକୁ ପ୍ରାପ୍ତ କରିପାରିବ । ସେଥିପାଇଁ ନିଜ ଜୀବନରେ ଧୈର୍ଯ୍ୟ ସହକାରେ ନିଜର ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିବା ଉଚିତ ।

**ଧୀରେ ସେ ସବ ହୋତ ହୈ, ବନ ଅଧୀର କ୍ୟା ପାୟ ।**
**ପାସ ଲକ୍ଷ୍ୟ ଦୁର ଜା ପଡ଼େ, ଚଞ୍ଚଲତା କେ ଆୟ ॥୧୮॥**

ଭାଷ୍ୟ - ଧୀର ସ୍ଥିର ହୋଇ କାର୍ଯ୍ୟ କଲେ ସମସ୍ତ କାର୍ଯ୍ୟ ପୂର୍ଣ୍ଣ ହୋଇଥାଏ, ଅଧୀର ହେଲେ କଣ ମିଳେ ? ଚଞ୍ଚଳତା ରହିଲେ ଲକ୍ଷ୍ୟ ନିକଟରେ ଥିଲେ ସୁଦ୍ଧା ଦୂରେଇ ଯାଏ ।

**ଧୀର ହୋୟ ମାରଗ ଚଲୋ, ଧୀର ନିୟମ ରତ ଆୟ ।**
**ସ୍ଥିର ଅଟଲ ୱିୱେକ ମେଁ, ଧୀର ପରମ ସୁଖ ପାୟ ॥୧୯॥**

ଭାଷ୍ୟ - ଧୀର ହୋଇ ମାର୍ଗରେ ଅଗ୍ରସର ହେବା ଉଚିତ ଏବଂ ଧୀର ସ୍ଥିର ହୋଇ ନିୟମାନୁକୂଳ କାର୍ଯ୍ୟରେ ଲାଗି ରହିଲେ ଲକ୍ଷ୍ୟ ପୂରଣ ହୋଇଯାଏ । ଧୀର ପୁରୁଷ ନିଜର ଜ୍ଞାନମାର୍ଗରେ ସ୍ଥିତ ଏବଂ ଅଟଳ ହୋଇ ପରମାନନ୍ଦକୁ ପ୍ରାପ୍ତ କରିଥାନ୍ତି ।

**ଧୀରେ ଗାଛ ଲଗାଇୟେ, ଧୀରେ ସିଁଚା ଜାୟ ।**
**ଧୀରହିଁ ମେଁ ୱିସ୍ତାର ହୈ, ଋତୁ ଆୟେ ଫଲ ପାୟ ॥୨୦॥**

ଭାଷ୍ୟ - ଗଛର ଚାରାକୁ ଧୀର ଭାବରେ ରୋପଣ କରନ୍ତୁ ଏବଂ ଧୀରେ ଧୀରେ ତାହାକୁ ସିଞ୍ଚନ କଲେ ତାହାର ଶାଖା ପ୍ରଶାଖା ବିସ୍ତାର ହେବ ଏବଂ ତାହା ବୃକ୍ଷ ରୂପରେ ପରିଣତ ହୋଇ ଋତୁ ଅନୁସାରେ ଫଳ ପ୍ରଦାନ କରିବ ।

# ବାଜରାର ଉପକାରିତା

ବାଜରାରେ ରହିଛି ଶୁଷ୍କତାର ଗୁଣ । ପତଳାଝାଡାରେ ପୀଡ଼ିତ ବ୍ୟକ୍ତି ବାଜରା ଖାଇବା ଭଲ । ଯେଉଁମାନେ ଦୀର୍ଘଦିନ ଧରି ଏଭଳି ଝାଡ଼ା ରୋଗରେ ଆକ୍ରାନ୍ତ ସେମାନେ ବାଜରା ନିୟମିତ ଖାଆନ୍ତୁ ।

ମୁଖର ସୌନ୍ଦର୍ଯ୍ୟ ପାଇଁ ବାଜରାର ଚକ୍ଷୁ ବ୍ୟବହାର କରାଯାଇ ପାରିବ । ଏହାର ଲାଲ୍ ଚକ୍ଷୁକୁ ପ୍ରସାଧନ ସାମଗ୍ରୀ ଭାବେ ବ୍ୟବହାର କରିବା ଦ୍ୱାରା ଚେହେରାରେ ଚମକ ଆସେ ।

ବାଜରାରେ ଭରପୂର ମାତ୍ରାରେ ଫାଇବର୍ ରହିଛି ।

ଏହା ପାଚନକ୍ରିୟାକୁ ସୁସ୍ଥ ରଖେ । ବାଜରା ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ହୁଏ ନାହିଁ । ପେଟ ଅଲସର ଥିବା ବ୍ୟକ୍ତି ବାଜରା ଖାଇବା ଆବଶ୍ୟକ ।

କେତେକ ଗବେଷଣାରୁ ଜଣାଯାଇଛି ଯେ ବାଜରା କ୍ୟାନସରରୁ ରକ୍ଷା କରିବାରେ ସହାୟତା କରିଥାଏ । କେବଳ ସେତିକି ନୁହେଁ ନିୟମିତ ବାଜରାକୁ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ମଧୁମେହର ସମସ୍ୟା ମଧ ଦୂର ହୁଏ । ସେଥିପାଇଁ ବାଜରା ରୁଟି ଖାଇବା ପାଇଁ ମଧ ରୋଗୀଙ୍କୁ ପରାମର୍ଶ ଦିଆଯାଇଥିଲା ।

ବାଜରାରେ ପ୍ରୋଟିନ୍ ଏବଂ



ଆଇରନ ପ୍ରଚୁର ମାତ୍ରାରେ ରହିଛି । ଆଇରନ ଥିବା ଯୋଗୁଁ ଏହା ରକ୍ତହୀନତାରୁ ରକ୍ଷା କରେ । ଏଥିରେ କ୍ୟାନସର ସୃଷ୍ଟିକାରୀ ଟକ୍ସିନ୍ ସୃଷ୍ଟି ହୋଇ ନ ଥାଏ ।

ଶୀତଦିନରେ ଉଷୁମ କ୍ଷୀର ସହ ବାଜରାର ଖେଚେଡି ଖାଇଲେ ଶରୀରରେ ଥଣ୍ଡାର ପ୍ରଭାବ ପଡେ ନାହିଁ । ବାଜରା ପେଟ ସମ୍ବନ୍ଧୀୟ ରୋଗ, କଫ ଆଦିରୁ ରକ୍ଷା କରେ ।

ଅର୍ଦ୍ଧକପାଳୀ ବିନ୍ଧା, ମାନସିକ ଚାପ ଏବଂ ନିଦ୍ରାହୀନତାରୁ ଏହା ରକ୍ଷା କରିଥାଏ ।

## ଟିକିଏ ହସନ୍ତୁ

ବାପା : ଆରେ ପପୁ ପିମ୍ପୁଡି ଧାଡି ପଛେପଛେ କୁଆଡେ ଯାଉଛୁ ?
ପପୁ : ବାପା ! ମୁଁ ଜାଣିଛି ପିମ୍ପୁଡିମାନେ ଜାଣିଛନ୍ତି ମାମା ମିଠା କୋଉଠି ଲୁଚେଇଛି ।

× × ×

ଚନ୍ଦୁ ଡାକ୍ତରଙ୍କୁ କହିଲା-ସାର୍ ମୁଁ ଯେତେବେଳେ ଶୋଉଛି ସ୍ୱପ୍ନରେ ମାଙ୍କଡ଼ମାନେ ଫୁଟବଲ୍ ଖେଳୁଛନ୍ତି ।
ଡାକ୍ତର : କିଛି ବ୍ୟସ୍ତ ହେବାର ନାହିଁ, ଏ ବଟିକା ନିଅ ରାତିରେ ଶୋଇବା ପୂର୍ବରୁ ଖାଇଦେବ ।
ଚନ୍ଦୁ : ସାର୍ କାଲିଠାରୁ ଖାଇବି, ଆଜି ତ ଫାଇନାଲ ମ୍ୟାଚ୍ ଅଛି ।

× × × ×

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ : ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ମଧରେ ତାତ୍ପର୍ଯ୍ୟ କ'ଣ କୁହ ?
କ୍ଲାସ ମଧରୁ ଗୋଟେ ପିଲା ବାହାରି ରାଜୁ କହିଲା – ସ୍ୱର ବର୍ଣ୍ଣ କହିଲେ ପାଟିରୁ ବାହାରେ ଓ ବ୍ୟଞ୍ଜନ କହିଲେ ପାଟି ଭିତରେ ରହିଯିବା ।



× × × ×

ବାପା : ଚିଣ୍ଟୁ, ମୁଁ ତୋତେ ପୁଦିନାପତ୍ର ଆଣିବାକୁ କହିଥିଲି । ହେଲେ ତୁ ଧନିଆପତ୍ର ଆଣିଛୁ ? ତୋ ଭଳି ମୂର୍ଖ ଘରେ ରହିବାର କୌଣସି ଯୋଗ୍ୟତା ନାହିଁ ।
ଚିଣ୍ଟୁ : ଚାଲ୍ ଦୁଇଜଣ ଘର ଛାଡି ପଳାଇବା ବାପା ।
ବାପା : ମୁଁ କାହିଁ ଘର ଛାଡିବିରେ ?
ଚିଣ୍ଟୁ : ବାପା, ଇଏ ପରା ମେଥିପତ୍ର ବୋଲି ମା' କହୁଥିଲା ।

× × × ×

ରାଜୁ : ମା'ମୁଁ କାଲିଠାରୁ ସ୍କୁଲ ଯିବିନି ।
ମା : କାହିଁକି ?
ରାଜୁ : କାରଣ ଆମ ସ୍କୁଲ ସାର୍‌ମାନଙ୍କୁ ବୋଧେ କିଛି ଆସୁନି । ସେ ସବୁ ପ୍ରଶ୍ନର ଉତ୍ତର ମୋତେ ପଚାରୁଛନ୍ତି !

× × × ×

ଶିକ୍ଷକ : ପିଣ୍ଟୁ, ତୁମ ଜେଜେବାପା କୁଆଡେ ଗଲେ ?
ପିଣ୍ଟୁ : ସାର୍ ସେ ୧୦ଦିନ ହେଲା ଚାଲିଗଲେଣି (ମରିଗଲେଣି) ।
ଶିକ୍ଷକ :କେମିତି ?
ପିଣ୍ଟୁ : ସେ ଯୋଗାସନ କରୁଥିଲେ ।
ଶିକ୍ଷକ :ଯୋଗ କରୁଥିବା ସମୟରେ କେମିତି ଚାଲିଗଲେ ?
ପିଣ୍ଟୁ : କାରଣ ସେ ଟିଭି ଦେଖୁଥିଲେ, ଟିଭିରେ ଯୋଗ ଶିକ୍ଷକ କହିଲେ ନିଃଶ୍ୱାସ ନିଅ ଯେତେବେଳେ ମୁଁ କହିବି ସେତେବେଳେ ତୁମେ ନିଃଶ୍ୱାସ ଛାଡିବ । ସେ ସମୟରେ କରେଣ୍ଟ ପଳାଇଲା, ତିନିଘଣ୍ଟା ପରେ କରେଣ୍ଟ ଆସିଲାବେଳକୁ ଜେଜେ ବାପା ଚାଲି ଯାଇଥିଲେ ।

# ଘୁଙ୍ଗୁଡିରୁ ବର୍ତ୍ତିବାର ଉପାୟ

ବିଶେଷଜ୍ଞଙ୍କ ମତରେ ଜଣେ ସୁସ୍ଥ ବ୍ୟକ୍ତି ଘୁଙ୍ଗୁଡି ମାରି ନ ଥାଏ । ଶାରୀରିକ ସମସ୍ୟା ଥିଲେ ଯେପରି ହୃଦଜନିତ ରୋଗ, ମାନସିକ ଚାପ, ନିଦ ଠିକ୍ ଭାବେ ନ ହେଉଥିଲେ ଇତ୍ୟାଦି କାରଣରୁ ଘୁଙ୍ଗୁଡି ଜଣେ ଲୋକ ମାରେ । ଅନ୍ୟ ଏକ ମୁଖ୍ୟ କାରଣ ହେଲା ମେଦବହୁଳତା ଓ ବର୍ଦ୍ଧିତ ବୟସ ।

ଅଧିକ ମାଦକଦ୍ରବ୍ୟ କାରଣରୁ ହିଁ ଏଭଳି ଅସୁବିଧା ଉପୁଜେ । ଏହା ସହ ଓଜନ ବଢ଼ିଲେ ଆମ ବେକପାଖର ଟିସୁର ଆକାର ବଢ଼ିଯାଏ, ଯାହା କାରଣରୁ ଶୋଇଲାବେଳେ ଆମେ ଘୁଙ୍ଗୁଡି ମାରିଥାଉ ।

ନାକ ବନ୍ଦ ଥିଲେ ନଚେତ୍ ନାକ ଭିତରେ ଛୋଟ କଣିକା ଭର୍ତ୍ତି



ହୋଇଥିଲେ ମଧ ଆମେ ଖୁବ୍ ଘୁଙ୍ଗୁଡି ମାରୁ ।

ଏଥିରୁ ରକ୍ଷା ପାଇବା ନିମନ୍ତେ ଅଲିଭ୍ ତେଲର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ତେଲରେ ଥିବା ଆଣ୍ଟିଫ୍ଲେମାରି ଗୁଣ ଘୁଙ୍ଗୁଡି ମାରିବାରେ ନିୟନ୍ତ୍ରଣ କରେ । ଦୈନିକ ରାତିରେ ଶୋଇବା ପୂର୍ବରୁ ୧ ଚାମଚ ଅଲିଭ ତେଲ ପିଇ ଶୋଇଲେ ୧ ମାସ ମଧରେ ଘୁଙ୍ଗୁଡି ସମସ୍ୟାରୁ ମୁକ୍ତି ମିଳେ । ଆପଣ ୧ ଚାମଚ ଅଲିଭ ତେଲ ସହ ୧ ଚାମଚ ମହୁ ମିଶାଇ ମଧ ପିଇପାରିବେ ।

ଥଣ୍ଡା, ସର୍ଦ୍ଦିରୁ ରକ୍ଷା କରୁଥିବା ସୋରିଷ ତେଲର ମଧ ଅନେକ ଉପକାରିତାମାନ ଅଛି । ଦୈନିକ ରାତିରେ ଶୋଇବା ପୂର୍ବରୁ ସୋରିଷ ତେଲକୁ ନଖ ଉଷୁମ କରି ପୁରା ଶରୀରରେ ଭଲଭାବେ ମାଲିସ୍ କରନ୍ତୁ । ଘୁଙ୍ଗୁଡି ସମସ୍ୟାର ସମାଧାନ ଯଥାଶୀଘ୍ର ହୋଇଯିବ ।

ରାତ୍ରିଭୋଜନର ୨୦ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ କ୍ଷୀରରେ ଚିମୁଟାଏ ଶୁଦ୍ଧ ହଳଦୀ ମିଶାଇ ପିଅନ୍ତୁ । ହଳଦୀରେ ମହଜୁଦ୍ ତତ୍ତ୍ୱମାନ ଘୁଙ୍ଗୁଡି ମାରିବା ବନ୍ଦ କରାଇଥାଏ ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ।

ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରପୂର ରସୁଣ ମଧ ଘୁଙ୍ଗୁଡି ମାରିବାରୁ ରକ୍ଷା କରେ । ସକାଳବେଳା ନଚେତ୍ ସନ୍ଧ୍ୟା ସମୟରେ ଗୋଟିଏ ପାଖୁଡା ରସୁଣକୁ ଚୋବାଇ ଖାଇଦିଅନ୍ତୁ । ୧ ସପ୍ତାହ ମଧରେ ଆପଣଙ୍କ ଘୁଙ୍ଗୁଡି ମରା ସମସ୍ୟାର ସମାଧାନ ହୋଇଯିବ । ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ସ, ଲୌହ, କ୍ୟାଲସିୟମ ଓ ମ୍ୟାଗ୍ନେସିୟମ ଭରପୁର ଗୁଜୁରାତିର ମଧ ଘୁଙ୍ଗୁଡି ଉପରେ ପ୍ରଭାବ ରହିଛି । ଗୋଟିଏ ଗିଲାସ ପାଣିକୁ ଭଲଭାବେ ଫୁଟାଇ ସେଥିରେ ଗୋଟିଏ ଗୁଜୁରାତି ଛେଚି ପକାନ୍ତୁ । ପରେ ଚୂଲା ବନ୍ଦ କରି ପାଣିକୁ ଥଣ୍ଡା ହେବାକୁ ଦିଅନ୍ତୁ । ନଖ ଉଷୁମ ଥିବା ସମୟରେ ସେହି ପାଣି ପିଇବା ଉଚିତ । ନିୟମିତ ଏଇ ପାଣି ପିଇଲେ ଘୁଙ୍ଗୁଡି ସମସ୍ୟାର ସମାଧାନ ହୋଇଥାଏ ।

# ବନ୍ଧାକୋବିର ଉପକାରିତା

ବନ୍ଧାକୋବି ଏକ ଶୀତ ଦିନିଆ ପରିବା ହୋଇଥିଲେ ହେଁ, ଆଜିକାଲି ଏହା ପ୍ରାୟତଃ ୧୨ ମାସି ହୋଇଗଲାଣି । ଏହା ଭାରତରେ ପ୍ରଚୁର ପରିମାଣରେ ଚାଷ ହୋଇଥାଏ । ବନ୍ଧାକୋବିକୁ ଯେପରି ରାନ୍ଧିଲେ ମଧ ଏହା ସୁଆଦିଆ ଲାଗେ । ଏଥିରେ ପ୍ରଚୁର ପରିମାଣର ପୋଷକତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ।

ବନ୍ଧାକୋବିରେ ଭିଟାମିନ୍ 'ସି' ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ବଡ଼ିର ଇମ୍ୟୁନି ସିଷ୍ଟମକୁ ମଜଭୁତ କରିଥାଏ ।

ଆଖି ପାଇଁ ବନ୍ଧାକୋବି ବଡ଼ ଉପକାରୀ । ଏହାକୁ ନିୟମିତ ଖାଇବା ଦ୍ୱାରା ବଡିରେ ବିଟା କେରୋଟିନ ବଢ଼ିଯାଇଥାଏ, ଯାହା ଆଖିକୁ ଠିକ୍ ରଖିଥାଏ ।

ବନ୍ଧାକୋବିରେ ସିନିଗ୍ରିନ, ଇଣ୍ଡୋଲ ଓ କାର୍ବିନୋଲ ଭଳି ପଦାର୍ଥ ରହିଥିବାରୁ ଏହା କ୍ୟାନସରରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

ବନ୍ଧା କୋବିରେ ଗୋଲଟାମାଇନ ନାମକ ପଦାର୍ଥ ରହିଥାଏ ଯାହା ପେପ୍ଟିକ ଅଲସର ବିରୋଧୀ ହୋଇଥାଏ । ତେଣୁ ବନ୍ଧାକୋବି ଖାଇବା ଦ୍ୱାରା ଅଲସର ହେବାର ଆଶଙ୍କା କମ୍ ହୋଇଯାଏ ।

ବନ୍ଧାକୋବି ନିୟମିତ ଖାଉଥିବା ବ୍ୟକ୍ତିଙ୍କ ଓଜନ ସ୍ଥିର ରହିଥାଏ । ଏହାର ବଡ଼ କାରଣ ହେଲା ଏଥିରେ ଖୁବ୍ କମ୍ କ୍ୟାଲୋରି ରହିଛି । ବନ୍ଧାକୋବି ଖାଇବା ଦ୍ୱାରା ପେଟ ପୁରିଲା ପୁରିଲା



ଲାଗେ । ଖାଦ୍ୟ ଆଗରେ ଥିଆ ହୋଇଥିଲେ ବି ଖାଇବାକୁ ଇଚ୍ଛା ହୁଏନି । ଖାଦ୍ୟ କମ୍ ଖାଇବା ଯୋଗୁଁ ଓଜନ ମଧ କମିଯାଇଥାଏ । ତେଣୁ ବନ୍ଧାକୋବି ଓଜନ କମ୍ କରିବାର ଏକ ଭଲ ମେଡିସିନ କହିଲେ ଅତ୍ୟୁକ୍ତି ହେବନି ।

ପତ୍ରକୋବିରେ ବହୁଳ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଥିବାରୁ ଏହା ସ୍କିନକେୟାର ଭଳି କାର୍ଯ୍ୟ କରିଥାଏ । ଏହା ଆପଣଙ୍କ ସ୍କିନରେ ଚମକ ଆଣିଥାଏ ।

ପତ୍ରକୋବିରେ ଲାକ୍ଟିକ ଏସିଡ୍ ଖୁବ୍ ଉତ୍ତମ ମାତ୍ରାରେ ରହିଥିବାରୁ ଏହା ମାଂସପେଶୀ ଯନ୍ତ୍ରଣାରୁ ରକ୍ଷା କରିଥାଏ ।

ଏଥିରେ ବହୁ ପରିମାଣର ପୋଷକ ତତ୍ତ୍ୱ ରହିଥିବା କାରଣରୁ ପାଚନ କ୍ରିୟା ଠିକ୍ ଭାବରେ ହୋଇଥାଏ ଏବଂ ପେଟ ମଧ ଠିକ୍ ରହିଥାଏ । ସବୁଠୁ ବଡ଼ କଥା ହେଲା ଯେଉଁମାନଙ୍କର କୋଷ୍ଠକାଠିନ୍ୟ ସମସ୍ୟା ରହିଛି ସେମାନଙ୍କ ପାଇଁ ବନ୍ଧାକୋବି ସମ୍ପୂର୍ଣ୍ଣ ଭଲ ।

# ଓଜନ କମ୍ କରିବାର ଉପାୟ

ଖାଦ୍ୟ ପାନୀୟରେ ନିୟନ୍ତ୍ରଣ ନ ରହିବା କାରଣରୁ ଓଜନ ବଢ଼ିବା ବର୍ତ୍ତମାନ ସମୟରେ ଅନ୍ୟତମ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଛି । ଯୋଗ, ପ୍ରାଣାୟାମ, ପ୍ରାତଃଭ୍ରମଣ କରିବା ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଓଜନ ଶୀଘ୍ର କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଡାଏଟିଂ କଲେ କିମ୍ବା ଭୋକିଲା ରହିଲେ ଆପଣ ଓଜନ କମ୍ କରିବେ ସତ କିନ୍ତୁ ତାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ସବୁବେଳେ ନିଜ ଖାଦ୍ୟର ପରିମାଣ ଉପରେ ଧ୍ୟାନ ଦିଅନ୍ତୁ । ପେଟ ଭର୍ତ୍ତି ଖାଇଲେ ଶୀଘ୍ର ଓଜନ ବଢ଼େ । ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ସିଝା ଖାଦ୍ୟ ଖାଇଲେ ୨ ମାସ ମଧ୍ୟରେ ଆପଣଙ୍କ ଓଜନ କମିବା ନିଶ୍ଚିତ । ଏହା ସହ ବ୍ୟାୟାମ କରିବା ମଧ ଜରୁରୀ ।

ଆଜିକାଲି ଅଧିକାଂଶ ଡାଏଟ ଫୁଡ୍ ଖାଉଛନ୍ତି । ଏସବୁ ଖାଦ୍ୟ ନିୟମିତ ଭାବେ ଖାଇପାରିଲେ ଭଲ କିନ୍ତୁ ସବୁଦିନ ଏହି ଭୋଜନ କରିବାକୁ ଇଚ୍ଛା ହୋଇ ନ ଥାଏ । ଏଣୁ ସଚେତନ ତଥା ସତର୍କ ହୋଇ ସହଜରେ ଉପଲବ୍ଧ ହେଉଥିବା ପନିପରିବା ତରକାରି



ଖାଇବାର ଅଭ୍ୟାସ ରଖିବା ଉଚିତ ।

ବିଶେଷଜ୍ଞଙ୍କ ପରାମର୍ଶ ନେଇ ଖାଦ୍ୟ ତାଲିକା ପ୍ରସ୍ତୁତ କରନ୍ତୁ । ବାହାର ଖାଦ୍ୟ ପରିବର୍ତ୍ତେ ଘରୋଇ ଖାଦ୍ୟ ଖାଇ ନିଜ ଓଜନକୁ ନିୟନ୍ତ୍ରଣରେ ଆଣିବାକୁ ଚେଷ୍ଟା କରନ୍ତୁ ।

ଗୋଟିଏ ଦିନରେ ଆପଣ ୧୦ ଗିଲାସ ପାଣି ପିଉଥିଲେ । ନୂତନ ଅଭ୍ୟାସରେ ୫ ଗିଲାସ ନଖି ଉଷୁମ ପାଣି ପିଇବା ଆରମ୍ଭ କରନ୍ତୁ । ଓଜନ କମ୍ ନିମନ୍ତେ ନଖଉଷୁମ ପାଣି ଖୁବ୍ ସହାୟକ । ସମୟକ୍ରମେ ପୁରା ଦିନ ଉଷୁମ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

## ଆପଣ ଜାଣନ୍ତି କି ?

- ପୃଥିବୀର ସର୍ବବୃହତ୍ ଚକୋଲେଟ ବାର୍‌ର ଓଜନ ୫୭୯୨.୫୦ କିଲୋଗ୍ରାମ ।
- ପୃଥିବୀର ସବୁଠାରୁ ଶୁଷ୍କ ସ୍ଥାନ ଚିଲିର ଆଟାକାମା ମରୁଭୂମି ହୋଇଥିବା ବେଳେ ସବୁଠାରୁ ଆର୍ଦ୍ରତମ ସ୍ଥାନ ହେଉଛି ଭାରତର ଚେରାପୁଞ୍ଜି ।
- ମହାକାଶଚାରୀଙ୍କ ଗବେଷଣା ଅନୁଯାୟୀ ପ୍ରତିଦିନ ମହାକାଶରେ ପ୍ରାୟ ୨୭୫ ମିଲିୟନ ନୂଆ ତାରା ସୃଷ୍ଟି ହୋଇଥାନ୍ତି ।
- ପୁରାତନ କାଳରେ ଇଜିପ୍ଟରେ ଲୋକମାନେ ମହୁ ଏବଂ ଚିନିକୁ ଆଣ୍ଟି ବାୟୋଟିକ୍ସ ଭାବେ ବ୍ୟବହାର କରୁଥିଲେ ।
- ପେନସିଲ ଭିତରେ ଥିବା ଲିଡ୍ ଦ୍ୱାରା ୫୩ କିଲୋମିଟରର ଲମ୍ବା ଲାଇନ ଅଙ୍କାଯାଇ ପାରିବ ।
- ପୃଥିବୀରେ ଏଭଳି କିଛି ପ୍ରଜାତି ସାପ ଅଛନ୍ତି, ଯେଉଁମାନେ ବିନା ଖାଦ୍ୟରେ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରନ୍ତି ।
- ଅକ୍ଟୋପସ ଏକ ଘଣ୍ଟାରେ ୧୭୦ ଥରରୁ ଅଧିକ ନିଜ ରଙ୍ଗ ବଦଳାଇପାରେ ।
- ମହୁମାଛିଙ୍କର ୨୦ ହଜାର ପ୍ରଜାତି ଥିବା ବେଳେ କେବଳ ୪ ଟି ପ୍ରଜାତି ହିଁ ମହୁ ଉତ୍ପନ୍ନ କରିବାରେ ସକ୍ଷମ ।
- ପୃଥିବୀରେ ଗଣ୍ଡାର ୫ ଟି ପ୍ରଜାତି ରହିଛି । ତେବେ ଆଫ୍ରିକାରେ ଦେଖା ଦେଉଥିବା ଧଳାଗଣ୍ଡା ସବୁଠାରୁ ସ୍ୱତନ୍ତ୍ର ଏବଂ ବିରଳ ।
- ମୟୂରର ଅଦ୍ଭୁତ ସୁନ୍ଦରତା ହେତୁ ଭାରତ ସରକାର ୧୯୬୩, ଜାନୁଆରୀ ୨୬ ରେ ଏହାକୁ ଭାରତର ଜାତୀୟ ପକ୍ଷୀ ଭାବେ ଘୋଷଣା କରିଥିଲେ ।

# ପାଚନ ତନ୍ତ୍ରକୁ ସୁସ୍ଥ ରଖେ ଗୁଜୁରାତି

ଗୁଜୁରାତି ଆମକୁ ବହୁ ରୋଗରୁ ସୁରକ୍ଷା ଦେଇପାରେ । ଆପଣ ଘରୋଇ ଉପଚାର ଭାବରେ ଗୁଜୁରାତିର ଉପଯୋଗ କରିପାରିବେ । ଗୁଜୁରାତି ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ବେଳେ ଏହାର ବହୁ ସ୍ୱାସ୍ଥ୍ୟପ୍ରଦ ଗୁଣ ମଧ ରହିଛି ।

ଯଦି ଆପଣଙ୍କ ମନ ପ୍ରାୟ ସମୟରେ ଉଦବେଳିତ ରହୁଛି ତେବେ ପ୍ରତିଦିନ ଦୁଇରୁ ତିନି ଥର ଗୁଜୁରାତି ଖାଆନ୍ତୁ । ଏହାଦ୍ୱାରା ଆପଣଙ୍କ ରକ୍ତଚାପ ସ୍ୱାଭାବିକ ରହିବ ଓ ମନ ଶାନ୍ତ ରହିବ ।



ଗୁଜୁରାତି ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିଥାଏ । ଯେଉଁମାନେ ପାଚନ କ୍ରିୟା ଜନିତ ସମସ୍ୟାର ସାମ୍ନା କରୁଛନ୍ତି ସେମାନଙ୍କ ପାଇଁ ଗୁଜୁରାତି ବରଦାନ ସଦୃଶ । ପ୍ରତିଦିନ ସକାଳେ ଗୁଜୁରାତିକୁ ପାଣିରେ ଫୁଟାଇ ପିଇବା ଦ୍ୱାରା ପାଚନ ତନ୍ତ୍ର ଜନିତ ସମସ୍ତ ସମସ୍ୟା ଅଚିରେ ଦୂର ହୋଇଥାଏ ।

ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ଏହି କାରଣରୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ । ଯେଉଁମାନେ ମଧୁମେହ ରୋଗରେ ପୀଡିତ ସେମାନଙ୍କ ପାଇଁ ଗୁଜୁରାତି ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ମଧୁମେହ ରୋଗୀ ଚା'ରେ ଗୁଜୁରାତି ପକାଇ ପିଇବା ଦ୍ୱାରା ଶରୀରରେ ଇନସୁଲିନ୍ ସ୍ତର ସ୍ୱଭାବିକ ରହିଥାଏ ।

ଯଦି ଆପଣଙ୍କର କାଶ ହେଉଛି ତେବେ ରାତିରେ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ଉଷୁମ ପାଣିରେ ଗୁଜୁରାତି ଚୋବାଇ ଖାଇଲେ କାଶ ଖୁବ୍ ଶୀଘ୍ର ଠିକ୍ ହୋଇଯାଏ । ଗୁଜୁରାତି ଗରମ ସ୍ୱଭାବର ହୋଇଥିବାରୁ ଏହା ନିୟମିତ ଖାଇବା ଦ୍ୱାରା ଥଣ୍ଡା କାଶରୁ ମୁକ୍ତି ମିଳିଥାଏ ।

ଗୁଜୁରାତି ଓଜନ ହ୍ରାସ କରିବାରେ ମଧ ସହାୟକ ହୋଇଥାଏ । ଆପଣ ଗୁଜୁରାତି ପକାଇ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ଗୁଜୁରାତିରେ ଥିବା ପୋଷକତତ୍ତ୍ୱ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

## ଡିହାଇଡ୍ରେସନରୁ ମୁକ୍ତି ଦିଏ ଜଳଜିରା

ଡିହାଇଡ୍ରେସନ୍ ବା ନିର୍ଜଳୀକରଣରୁ ମୁକ୍ତି ପାଇବା ପାଇଁ ସହଜ ଉପାୟ ହେଉଛି ଜଳଜିରା । ଜଳଜିରାରେ କଳା ଲୁଣ, ଲେମ୍ବୁ, ପୁଦିନା, ଅଦା ମିଶାଇ ପିଇଲେ ସୁସ୍ୱାଦୁ ତ ଲାଗିଥାଏ, ଏହା ସହ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ହୋଇଥାଏ ।



ଏହା ବାଦ୍ ଜଳଜିରାର ଅନେକ ଔଷଧୀୟ ଗୁଣ ମଧ ରହିଛି । ଜଳଜିରା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ । ଜଳଜିରାରେ କଳା ଲୁଣ ପକାଇ ପିଇଲେ ପେଟରେ ହୋଇଥିବା ଗ୍ୟାସ୍ ଭଲ ହୋଇଥାଏ । ଏହା ସହ ଛାତି ପୋଡୁଥିଲେ ଜଳଜିରା ପିଇବା ଦ୍ୱାରା ଆରାମ ମିଳିଥାଏ ଏବଂ ଶରୀରକୁ ଡିହାଇଡ୍ରେଟ୍ କରିଥାଏ ।

## ହଳଦୀ ମିଶା କ୍ଷୀରପାନ ଅବସାଦ ଦୂରକରେ

ରାତିରେ ଶୋଇବା ପୂର୍ବରୁ ଅଧଗ୍ଲାସେ ହଳଦୀ ମିଶା କ୍ଷୀର ପିଇଲେ ବହୁ ଉପକାର ମିଳିଥାଏ । ଏହାଦ୍ୱାରା ସାରାଦିନର ଥକାପଣ ଦୂରହୋଇ ସୁଖନିଦ୍ରା ହୋଇଥାଏ । ଶରୀର ପୀଡାରୁ ମଧ ଏହା ମୁକ୍ତି ଦେଇଥାଏ ।



କ୍ଷୀରରେ ପ୍ରଚୁର ପରିମାଣରେ କ୍ୟାଲସିୟମ, ଆଇରନ, ପ୍ରୋଟିନ ଏବଂ ଭିଟାମିନ୍ ଆଦି ପୋଷକତତ୍ତ୍ୱ ରହିଥାଏ । ସେହିପରି ହଳଦୀ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବେ କାର୍ଯ୍ୟ କରିଥାଏ । ହଳଦୀ ମିଶା କ୍ଷୀର ପିଇଲେ ମାନସିକ ଅବସାଦ ଦୂର ହୋଇଥାଏ । ତେବେ ଏହାକୁ ଆବଶ୍ୟକ ମାତ୍ରାରେ ପିଇବା ଦ୍ୱାରା ସୁଫଳ ମିଳିଥାଏ ।

# କହିପାରିବେ କି ?

(୧) ପୃଥିବୀର ମୁଖ୍ୟ ଶକ୍ତି ଉତ୍ସ କାହାକୁ କୁହାଯାଏ ?
(୨) ନେଲସନ ମଣ୍ଡେଲା କେଉଁ ଦେଶର ?
(୩) ଇରାକର ରାଜଧାନୀର ନାଁ କ'ଣ ?
(୪) ଇଣ୍ଡୋନେସିଆର ମୁଦ୍ରାର ନାଁ କ'ଣ ?
(୫) ଜୁରିଚ୍ କେଉଁ ଦେଶର ସବୁଠାରୁ ବଡ଼ ସହର ?
(୬) ବାଂଲାଦେଶର ରାଜଧାନୀର ନାଁ କ'ଣ ?
(୭) ଗ୍ରେଟ୍ ପିରାମିଡ୍ ଅଫ୍ ଗିଜା କେଉଁ ଦେଶରେ ଦେଖିବାକୁ ମିଳେ ?
(୮) ଆଫଗାନିସ୍ତାନର ରାଜଧାନୀର ନାଁ କ'ଣ ?
(୯) କେଉଁ ଦେଶରେ ମର୍ସିଡିଜ୍ ଏବଂ ଅଡିଦାସ୍ ନିର୍ମାଣ କରାଯାଇଥାଏ ?
(୧୦) ଶ୍ରୀଲଙ୍କାର ମୂଳ ନାଁ କ'ଣ ?

## JUMBLE WORDS

| | | | |
|---|---|---|---|
| 1) SOKKI | = | 6) HMEAS | = |
| 2) WETSE | = | 7) TYEPT | = |
| 3) SINBO | = | 8) CNOOHH | = |
| 4) SWRNET | = | 9) MARLOC | = |
| 5) NYTARP | = | 10) TYUPT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଋଗବେଦ, ୨. ଶୁକ୍ର, ୩. ହାଇଡ୍ରୋଜେନ, ୪.୧୫ କୋଟି କିଲୋମିଟର, ୫. ଆଶ୍ୱିନ ମାସ, ୬.ଗାଲିଶି, ୭.ରାଜେନ୍ଦ୍ର ପ୍ରସାଦ, ୮. କପା, ୯.ନାଦିର ଶାହ, ୧୦. ବୃହସ୍ପତି ।

***Jumble Words* ର ଉତ୍ତର :-**

(1) KEEN (2) PARCHED (3) JUBILANT (4) PRECIOUS (5) DELICIOUS (6) HIDEOUS (7) FURIOUS (8) FREEZING (9) AWFUL (10) FAMISHED

# ଓଡ଼ିଶାରେ ଲାଗୁ ହେଲା ପିଏମ ଶ୍ରୀ ସ୍କୁଲ

ନୂଆଦିଲ୍ଲୀ: ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ କ୍ରିୟାନ୍ୱୟନ ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାର, ସ୍ଥାନୀୟ ସଂସ୍ଥା, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତି ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଏବଂ ଗୁଣବତ୍ତା ବୃଦ୍ଧି କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ରହିଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏବଂ ଓଡ଼ିଶାର ଶିକ୍ଷା ସଚିବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପୂର୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ । ଏହା ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବରେ କାର୍ଯ୍ୟ କରିବ । ପିଲା ମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମ ଶ୍ରୀର ଯୋଜନା । ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ହୋଇଥିବା ପାଠ୍ୟକ୍ରମ ଓ ପାଠପଢାର ପଦ୍ଧତି, ଶିକ୍ଷକ ମାନଙ୍କର ପରିବର୍ଦ୍ଧିତ ଦକ୍ଷତାକୁ ଗୋଟିଏ ସ୍କୁଲରେ ପରିପ୍ରକାଶ କରିବ । ବର୍ତ୍ତମାନ ସୁଦ୍ଧା ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନଭିଏସ) ମୋଦୀ ସରକାରଙ୍କ ଯୋଜନା ପିଏମ୍ ଶ୍ରୀ ସ୍କୁଲ ଅଧୀନରେ ସେମାନଙ୍କ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ପାଇଁ ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ଯୋଜନାରେ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ଦୁଇଟି ଲେଖାଏଁ ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯିବ । ଓଡ଼ିଶାରେ ପ୍ରାୟ ୮୦୦ଟି ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବାର ଯୋଜନା ରହିଛି । ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ । ଏହି ସ୍କୁଲ ଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବ୍ୟକ୍ତିତ୍ୱ ସୃଷ୍ଟି କରିବା ଦିଗରେ ସହାୟକ ହେବ । ପିଏମ ଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ । ପିଏମ ଶ୍ରୀ ସ୍କୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରାଥମିକତାରେ ରହିଛି । ଜାତୀୟ ଶିକ୍ଷା ନୀତିର କଳ୍ପନାକୁ କାର୍ଯ୍ୟକାରୀ କରିବା ଦିଗରେ ପିଏମ ଶ୍ରୀ ସ୍କୁଲ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଭାରତକୁ ଜ୍ଞାନଭିତ୍ତିକ ସମାଜରେ ପରିଣତ କରିବ । ଏହି ସ୍କୁଲ ଅତ୍ୟାଧୁନିକ ଓ ସାମଗ୍ରିକ ପଦ୍ଧତିରେ ଶିକ୍ଷାଦାନ ପ୍ରଦାନ କରିବ । ନବସୃଜନ ଆଧାରିତ, ନୂତନ ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟ କ୍ଲାସ ରୁମ ଏବଂ କ୍ରୀଡ଼ା ସହ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦିଆଯିବ । ଜାତୀୟ ଶିକ୍ଷା ନୀତିର ପ୍ରୟୋଗଶାଳା ଭାବରେ ଏହି ସ୍କୁଲ ନିଜର ଅଭିଜ୍ଞତା, ସାମଗ୍ରିକ, ଆଲୋଚନାତ୍ମକ ପଦ୍ଧତି ଏବଂ ଶିକ୍ଷଣ କେନ୍ଦ୍ରୀତ ପଦ୍ଧତି ମାଧ୍ୟମରେ ଏକବିଂଶ ଶତାବ୍ଦୀର କୌଶଳ, ମାନବବାଦୀ ଦୃଷ୍ଟିକୋଣ, ବ୍ୟକ୍ତିତ୍ୱ ଗଠନ କରିବାରେ ସହାୟକ ହେବ । ମୋଦୀ ସରକାରଙ୍କ ଦ୍ୱାରା ଦେଶବ୍ୟାପୀ ସ୍କୁଲ ଗୁଡ଼ିକୁ ଗୁଣାତ୍ମକ ଭାବେ ମଜଭୁତ କରିବା ପାଇଁ କରାଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରିବ ପିଏମ ଶ୍ରୀ ସ୍କୁଲ । ଏହି ପଦକ୍ଷେପ ଓଡ଼ିଶା ଦେଶର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କୁ ଲାଭ ଦେବ । ସ୍କୁଲରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଟେକ୍ନୋଲୋଜି ଆଧାରିତ ହେବ । ଆଇସିଟି, ଡ଼ିଜିଟାଲ ଲ୍ୟାବ, ଡିଜିଟାଲ ଲାଇବ୍ରେରୀ, ଡିଜିଟାଲ ଲର୍ଣ୍ଣିଂ ଟୁଲ୍ସ ବ୍ୟବସ୍ଥା ରହିବ । ବାଲବାଟିକାରେ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷା ରହିବ । ମାତୃଭାଷାକୁ ପ୍ରାଧାନ୍ୟ ଦେବା ସହ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ଦୂରତାକୁ ହ୍ରାସ କରିବ । ସମଗ୍ର ଭାରତବର୍ଷରେ ବିକଶିତ ଓ ନବୀକରଣ ହେବାକୁ ଥିବା ପିଏମ ଶ୍ରୀ ସ୍କୁଲ ଦେଶର ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବରେ ବିବେଚିତ ହେବ ।

# ମହରମ ପାଳନ ପାଇଁ ଶାନ୍ତି ଓ ସମନ୍ୱୟ ବୈଠକ

ସମ୍ବଲପୁର: ଚଳିତ ମହରମ ପାଳନ ପାଇଁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତି ଓ ଭାଇଚାରା ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାପାଇଁ କମିଟି ମାନଙ୍କୁ ପରାମର୍ଶ ଦେଇଛନ୍ତି । ସେଥି ନିମନ୍ତେ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ଭାଇଚାରାକୁ ପର୍ବକୁ ଶୃଙ୍ଖଳିତ ପାଳନ ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ବୈଠକରେ ରାସ୍ତା ମରାମତି, ଡ୍ରେନ ସଫେଇ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗେଇବା ସହିତ ଓହଳି ପଡିଥିବା ବିଦ୍ୟୁତ୍ ତାର ଗୁଡିକୁ ତୁରନ୍ତ ସଜାଡ଼ିବା ନିମନ୍ତେ କମିଟି ମାନେ ଅନୁରୋଧ କରିଥିଲେ । ଦଲେଇପଡା ମହରମ କମିଟି ମହରମ ପାଳନ ନିମନ୍ତେ ସରକାର ତରଫରୁ ସହଯୋଗ ଯୋଗେଇବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଶୋଭାଯାତ୍ରା ରୁଟ ନିମନ୍ତେ ପୋଲିସ ପ୍ରଶାସନ ସହିତ ବୈଠକ କରି ଚୂଡାନ୍ତ କରିବାକୁ ଜିଲ୍ଲାପାଳ କମିଟି ଏବଂ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପର୍ବ ଦିନ ପାଣି ଟ୍ୟାଙ୍କ ବ୍ୟବସ୍ଥା, ଅଗ୍ନିଶମ ଟିମ ସଜାଗ ରହିବେ ଏବଂ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା ସହିତ ଆମ୍ବୁଲାନ୍ସ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମହରମ ଦିନ ସମସ୍ତ ମଦ ଦୋକାନ ବନ୍ଦ ରହିବ । ଶେଷରେ ଜିଲ୍ଲାପାଳ କିଭଳି ଧନ ଜୀବନ କ୍ଷତି ନ ହୁଏ ସେଥି ପ୍ରତି ସଜାଗ ହୋଇ ଏହି ଭାଇଚାରା ପର୍ବକୁ ଆନନ୍ଦ ସହକାରେ ପାଳନ ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ବୈଠକରେ ସମସ୍ତ ୮ ଗୋଟିଏ ମହରମ କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଶୃଙ୍ଖଳିତ ପାଳନ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ବଲପୁର ମହା ନଗର ନିଗମ କମିସନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସପି ହରେଶ ଚନ୍ଦ୍ର ପାଣ୍ଡେ, ସଦର ଉପଜିଲ୍ଲାପାଳ ଡ଼. ପୁଷ୍ପାଞ୍ଜଳି ପଣ୍ଡା, ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସମ୍ବଲପୁର ଜିଲ୍ଲା ପରିଷଦ ବୈଠକ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ନେଇ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖରିଫ ଚାଷ, ଉଦ୍ୟାନକୃଷି, ମତ୍ସ୍ୟ ବିଭାଗର କାର୍ଯ୍ୟକ୍ରମ, ଜିଲାର ପରିବାର କଲ୍ୟାଣ, ଗ୍ରାମ୍ୟନିର୍ମାଣ ପାନୀୟଜଳ ଆଦି ବିଷୟରେ ଆଲୋଚନା ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା । ଏହି ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ସମେତ ସମସ୍ତ ଜିଲାପରିଷଦ ସଦସ୍ୟ ଏବଂ ବ୍ଲକ ଅଧକ୍ଷ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା ହେବା ସହ ଯେଉଁ କାର୍ଯ୍ୟଗୁଡିକ ଅଟକି ରହିଛି ତାହା କିପରି ଶୀଘ୍ର ଆରମ୍ଭ ହେବ ସେନେଇ ଆଲୋଚନା ହୋଇଥିଲା ।

# ବିଧାୟକଙ୍କ ଦ୍ୱାରା ଭଟଲି ନିର୍ବାଚନ ମଣ୍ଡଳୀର ସମୀକ୍ଷା

ବରଗଡ଼: ଭଟଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ ଅନେକ ସମସ୍ୟା ଅସମାହିତ ହୋଇ ପଡ଼ି ରହି ଥିବାରୁ ଲୋକେ ନାହିଁ ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଗ୍ରାମକୁ ସରକାରଙ୍କ ଦ୍ୱାରା ଘୋଷିତ ଜନହିତକାରୀ ଯୋଜନା ପହଞ୍ଚି ପାରିନାହିଁ । ଏଥିପାଇଁ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିନୋଟି ଯାକ ବ୍ଲକର କର୍ମକର୍ତ୍ତାଙ୍କୁ ନେଇ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରବକ୍ତା ଧୀରେନ୍ଦ୍ର ସେନାପତି ଯୋଗଦେଇ କର୍ମୀଙ୍କ ସହିତ ଆଲୋଚନା କରିଥିବା ବେଳେ ଜିଲ୍ଲା ସଭାପତି ଅରୂପାନନ୍ଦ ସାହୁ, ଜାତୀୟ ପରିଷଦ ସଦସ୍ୟ ସୌରୀଚରଣ ବାରିକ, ଜିଲ୍ଲା ସମ୍ପାଦକ ଅକ୍ଷୟ ନାଏକ, ଜିଲ୍ଲା ଉପସଭାପତି ଗୁଣରୁ ପଧାନ, ପ୍ରତାପ ପ୍ରଧାନ, ଭଟଲି ମଣ୍ଡଳ ସଭାପତି ଅଚ୍ୟୁତ ବୁଦ୍ଧିଆ, ଉଦେପାଲି ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାପାତ୍ର, ଭୁକ୍ତା ମଣ୍ଡଳ ସଭାପତି ପ୍ରହ୍ଲାଦ ଖମାରି, ଡୁଙ୍ଗୁରି ମଣ୍ଡଳ ସଭାପତି ବଳରାମ ସା, ସୋହେଲା ମଣ୍ଡଳ ସଭାପତି ପରେଶ୍ୱର ସାହୁ, ଦଶମାଇଲ ମଣ୍ଡଳ ସଭାପତି ଶିବଶଙ୍କର ବେହେରା, ଘେଁସ୍ ମଣ୍ଡଳ ସଭାପତି ଲୋକେଶ୍ୱର ସିଂ ବରିହା, ଅଶ୍ୱିନୀ ପାତ୍ର, ଦିଲ୍ଲୀପ ବାବା, ପରମା ଦୀପ, ସଙ୍ଗୀତ ଭୋଇ, ଦିବ୍ୟ କିଶୋର ଭୋଇଙ୍କ ସହ ସମସ୍ତ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ରାହୁଲ ସାହୁ, ମାଧବ ଚରଣ ପ୍ରଧାନ, ଓମପ୍ରକାଶ ଭୋଇ, ଖଗେଶ୍ୱର ପ୍ରଧାନ, ତରଣୀ ଦୀପ, ନିମାଇଁ ସାହୁ, ଶୁଭେନ୍ଦୁ ସାହୁ, ହରି ସାହୁ ଓ ସଂଗ୍ରାମଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ସମସ୍ତ ଉପସ୍ଥିତ କର୍ମୀ ନିଜ ନିଜ ଅଞ୍ଚଳର ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଇଥିଲେ । ସମସ୍ତ ପ୍ରକାର ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ କର୍ମୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅତିଥି ମାନେ ନିଜ ନିଜ ଅଞ୍ଚଳରେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଯେହେତୁ ଏବେ ରାଜ୍ୟରେ ଲୋକଙ୍କ ସରକାର ଚାଲିଛି ତାହା କିଭଳି ଭାବେ ସବୁଦିନ ରାଜ୍ୟର ସେବା କରିବାର ସୁଯୋଗ ପାଇଁ ସେନେଇ ସଚେତନ ରହିବାକୁ କର୍ମୀଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ ।

# ଆଶ୍ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ସମ୍ବଲପୁର ଜିଲ୍ଲାରେ

ସମ୍ବଲପୁର: ପାଉଁଶ ଡମ୍ପ କରିବାକୁ ଝାରସୁଗୁଡା ପରେ ଏବେ ସମ୍ବଲପୁରକୁ ଟାର୍ଗେଟ୍ କରିଛନ୍ତି ଡମ୍ପି ମାଫିଆ । ଜାଣିଶୁଣି ପଥର ଖାଦାନ କିମ୍ବା ଅନ୍ୟ ଗର୍ତ୍ତ ସ୍ଥାନ ଖୋଜି ସେଠାରେ ଡମ୍ପ କରାଯାଉଛି । ଯାହାକୁ ସ୍ଥାନୀୟ ଜନସାଧାରଣ ବିରୋଧ କରୁଛନ୍ତି । ବିନା ଅନୁମତି ଡମ୍ପ୍ ବୋଝେଇ ଡମ୍ପ କରୁଥିଲେ ମଧ ପୁଲିସ୍ ଗାଡି ଛାଡିଦେବାକୁ ନେଇ ଏବେ ପ୍ରଶ୍ନ ଉଠୁଛି । ମାତ୍ର ୧୫ ଦିନ ତଳେ ଧରାପଡିଥିବା ଆଶ୍ ବୋଝେଇ ଗାଡିକୁ ଆଉ ଥରେ ଧରିଛନ୍ତି ଯୁଯୁମୁରା ଥାନା ଜାମଟାଲ ଗ୍ରାମବାସୀ । ତୁରନ୍ତ ସମ୍ବଲପୁର ଡିଏଫ୍ଓ ଓ ପୁଲିସ୍ ଅଧିକାରୀଙ୍କୁ ଡକାଇ ଆଶ୍ ବୋଝେଇ ଟ୍ରକ୍‌କୁ ଜବତ କରିବାକୁ ଦାବି କରିଥିଲେ । ସେଠାରେ ସମ୍ପୂର୍ଣ୍ଣ ଡମ୍ପିଂ ବନ୍ଦ କରିବାକୁ କହିଥିଲେ । ଘଟଣା ସ୍ଥଳରେ ଡିଏଫ୍ଓ ଓ ପୁଲିସ୍ ପହଞ୍ଚି ଗାଡିକୁ ଅଟକ ରଖିଥିଲେ । ହେଲେ ପରେ ବିଚାର କରାଯିବ କହି ପୁଲିସ୍ ସମସ୍ତ ଆଶ୍ ବୋଝେଇ ଗାଡିକୁ ଛାଡି ଦେଇଥିବା ଜଣାପଡିଛି । ଯୁଯୁମୁରା ଥାନା ଜାମଟାଲ୍ ଗ୍ରାମବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ପୁଣି ନିକଟସ୍ଥ ପଥର ଖାଦାନରେ ବେଆଇନ ପାଉଁଶ ଡମ୍ପି ପାଇଁ ଉଦ୍ୟମ ହୋଇଥିଲା । ହେଲେ ସ୍ଥାନୀୟ ଗ୍ରାମବାସୀ ୨ ଟି ପାଉଁଶ ବୋଝେଇ ହାଇୱା ଓ ଏକ ଜେସିବିକୁ ଅଟକ ରଖି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ । ଡମ୍ପି ପାଇଁ କୌଣସି ଅନୁମତି ନ ଥିଲେ ମଧ ଆଶ୍ ମାଫିଆ ଜବରଦସ୍ତି ଏଠାରେ ପାଉଁଶ ପକାଇବାକୁ ବାରମ୍ବାର ଉଦ୍ୟମ କରୁଛି । ହେଲେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏହାକୁ ବିରୋଧ କରି ଆସୁଛନ୍ତି ସ୍ଥାନୀୟ ବାସିନ୍ଦା । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଜାମଟାଲ ଜନବସତି ଦେଇ ପାଉଁଶ ବୋଝେଇ ହାଇୱା ଯାଇ ନିକଟସ୍ଥ ଏକ ପଥର ଖାଦାନରେ ପାଉଁଶ ଡମ୍ପି କରୁଛି । ଉକ୍ତ ପଥର ଖାଦାନଟି ଏବେ ଏକ ଜଳାଶୟ ପାଲଟିଥିବାରୁ ବନ୍ୟପ୍ରାଣୀ ତଥା ଗ୍ରାମବାସୀ ଉପକୃତ ହେଉଛନ୍ତି । ପାଉଁଶ ଡମ୍ପି ଯୋଗୁଁ ନିକଟସ୍ଥ ଚାଷ ଜମିଗୁଡିକ ପ୍ରଭାବିତ ହେଉଛି । ଉକ୍ତ ବେଆଇନ ପାଉଁଶ ଡମ୍ପିକୁ ବିରୋଧ କରି ଗ୍ରାମବାସୀ ପୂର୍ବରୁ ଜିଲ୍ଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୁଲିସ ଓ ବନ ବିଭାଗଠାରେ ଅଭିଯୋଗ କରିଥିଲେ । ଗତ ୧୫ ଦିନ ତଳେ ୫ଟି ପାଉଁଶ ବୋଝେଇ ହାଇୱା ଅଟକ ରଖି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ । ଆଗକୁ ଆଉ ଜାମଟାଲ୍ ଜନବସତି ଦେଇ ପାଉଁଶ ବୋଝେଇ ଗାଡ଼ି ଯିବ ନାହିଁ କିମ୍ବା ପଥରଖାଦାନରେ ପାଉଁଶ ଡମ୍ପି ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସେହିପରି ରେଙ୍ଗାଲି ବ୍ଲକ ଅନ୍ତର୍ଗତ କୁସୁମ ଡିହି ନାଏକ ପଡା ମଝିରେ ପ୍ରବାହିତ ହରଡ଼ଜୋର ନାଲା ଏବଂ ପୁରୁଣା ରାଜ୍ୟ ରୋଡ଼ର କୁସୁମ ଡିହି ପାଖିରେ ଆଶ ଜମା କରାଯାଉଥିବାରୁ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି । ଏହାର ଆଶୁ ସମାଧାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କ ଠାରେ ଜିଲ୍ଲା ପରିଷଦ ସଭ୍ୟ ଦେବନାରାୟଣ ତିୱାରୀ ଦାବି କରିଛନ୍ତି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଜେଏସ୍‌ଡବ୍ଲ୍ୟୁବିପିଏସଏଲ୍‌ରେ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ଉଦ୍‌ଘାଟିତ



ସମ୍ବଲପୁର : ଠେଲକୋଲି ସ୍ଥିତ ଜେଏସଡବ୍ଲ୍ୟୁ ବିପିଏସଏଲ ପକ୍ଷରୁ ପ୍ଲାଣ୍ଟ ପରିସରରେ ବାୟୁ ଗୁଣବତ୍ତାର ସ୍ଥିତି ଉପରେ ନଜର ରଖିବାକୁ କମ୍ପାନି ପକ୍ଷରୁ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସ୍ଥାପନା କରାଯାଇଛି । ଏହି ଷ୍ଟେସନକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟନାରାୟଣ ନନ୍ଦ ଉଦ୍‌ଘାଟନ କରିଛନ୍ତି । ପୂର୍ବରୁ ପ୍ଲାଣ୍ଟର ପାରିପାର୍ଶ୍ୱିକ ସ୍ଥିତ ବାୟୁ ଗୁଣବତ୍ତା ଉପରେ ନଜର ରଖିବା ପାଇଁ ୪ ଗୋଟି ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ୍ (ସିଏଏକିଏମଏସ) ସ୍ଥାପନ କରାଯାଇଥିଲା ଓ ଉନ୍ନତ ବାୟୁ ନିୟନ୍ତ୍ରଣ କରିବା ପାଇଁ ପ୍ଲାଣ୍ଟ ପରିସରରେ ଏହା ୫ ନମ୍ବର ଷ୍ଟେସନ ଭାବେ ଲଗାଯାଇଛି । କମ୍ପାନିରୁ ନିର୍ଗତ ହେଉଥିବା ବିଷାକ୍ତ ଗ୍ୟାସ ଗୁଡ଼ିକ ସହ-ପାଣିପାଗକୁ ମଧ୍ୟ ଏହି ମେସିନ ତଦାରଖ ଓ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ । କମ୍ପାନିର ସିନିୟର ଲିଡରସିପ ଟିମର ଉମେଶ ରାଏ, ପ୍ରକାଶ ସାପ, ଏସଆର ଭିପି, ଜେ.ପି ସିଂହ ଓ ଏଚଆର ବିଭାଗର ଅକୁଲ ସେନାପତି ଉପସ୍ଥିତ ଥିଲେ ।





# ବେଦାନ୍ତ ଆଲୁମିନିୟମର ବେଆଇନ ଟାଉନସିପ୍ ନିର୍ମାଣ ଅଭିଯୋଗ

ଝାରସୁଗୁଡ଼ା: ବେଦାନ୍ତ ଆଲୁମିନିୟମ କାରଖାନା ସୁନାରୀମୁଣ୍ଡାରେ ବେଆଇନ ଭାବରେ ବିନା ପ୍ଲାନ ଅନୁମୋଦନରେ ବେଦାନ୍ତ ଟାଉନସିପ ତିଆରି କରି ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଟ୍ୟାକ୍ସ ସରକାରଙ୍କୁ ଦେଉ ନ ଥିବାର ଅଭିଯୋଗ ହୋଇଛି । ଏନେଇ ଓଡିଶା- ମ୍ୟୁନିସିପାଲଟି ଆକ୍ଟ-୧୯୫୦ ଆଧାରରେ କାରଣ ଦର୍ଶାଅ ନୋଟିସ୍ କମ୍ପାନୀକୁ ଜାରି କରାଯାଇଥିଲେ




ମଧ ବେଦାନ୍ତ ତାର ଉତ୍ତର ଦେଉ ନାହିଁ । ସୁନାରୀମୁଣ୍ଡାରେ ବେଦାନ୍ତ ନିଜର ଟାଉନସିପ ନିର୍ମାଣ କରି କମର୍ସିଆଲ ବ୍ୟବହାର କରୁଛି । ଆଶ୍ଚର୍ଯ୍ୟର କଥା ଏହି ବେଆଇନ ନିର୍ମାଣର କୌଣସି ପ୍ଲାନ ଅନୁମୋଦନ ହୋଇନାହିଁ । ଜେଆରଆଇଟି ବା ଝାରସୁଗୁଡା ରିଜିଓନାଲ ଇମ୍ପ୍ର ଭମେଣ୍ଟ ଟ୍ରଷ୍ଟ ଏହି ବେଆଇନ ତଥା ଅଣସ୍ୱୀକୃତ ଟାଉନସିପ ନେଇ ମ୍ୟୁନିସିପାଲଟିକୁ ୨୦୨୧ ମସିହାରେ ପତ୍ର ଲେଖିଥିଲା । ସେହି ପତ୍ର ଆଧାରରେ ଝାରସୁଗୁଡା ମ୍ୟୁନିସିପାଲଟି ଡିସେମ୍ବର ୨୦୨୩ରେ ଏହି ନିର୍ମାଣକୁ ଅବୈଧ ଓ ବେଆଇନ ବୋଲି ଦର୍ଶାଇ ବେଦାନ୍ତକୁ ପତ୍ର ଲେଖିଥିଲେ । ଏହା ସହ ୩ ଦିନ ମଧରେ ଅନୁମୋଦିତ ବିଲଡିଂ ପ୍ଲାନ ଦାଖଲ କରିବା ପାଇଁ ପତ୍ରରେ କୁହାଯାଇଥିଲା । ତେବେ ସେଥିରେ ମଧ ବେଦାନ୍ତ ଖିଲାପ କରିଛନ୍ତି । ତେବେ ବାଧ ହୋଇ ଆଞ୍ଚଳିକ ପରିବେଷ ସୁରକ୍ଷା ସଂଘ ସଭାପତି ସତ୍ୟନାରାୟଣ ରାଓଙ୍କ ଏତଲା ପରେ ବେଦାନ୍ତ ସିଇଓ ସୁନୀଲ ଗୁପ୍ତା ହାଇକୋର୍ଟରୁ ଆଗୁଆ ଜାମିନ ଆଣି ଆରାମରେ ବୁଲୁଛନ୍ତି । ଅନୁମୋଦିତ ପ୍ଲାନ ଦାଖଲ କରୁନାହାନ୍ତି କି ଟ୍ୟାକ୍ସ ପଇସା ମଧ ଦେଉ ନାହାନ୍ତି ।

# କମ୍ପ୍ୟୁଟର କକ୍ଷ ଉଦଘାଟନ କଲେ ଏମ୍.ପି

ଝାରସୁଗୁଡ଼ା : ବରଗଡ଼ ଏମ୍.ପି ପ୍ରଦୀପ ପୁରୋହିତ ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିରରେ କମ୍ପ୍ୟୁଟର କକ୍ଷ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଜୟ ସାହୁ, ସାହେବ ରାଓ, ଜୟନ୍ତ ବାରିକ, ସଭ୍ୟା ପ୍ରିୟଙ୍କା ସରାଫ ସହାୟତା ପ୍ରଦାନ କରିଥିଲେ ।



# ସାଂସଦ ପ୍ରଦୀପ ପୁରୋହିତଙ୍କୁ ଦେବଦତ୍ତ କ୍ଲବରେ ସମ୍ବର୍ଦ୍ଧନା



ବରଗଡ଼: ଗାଇସିଲେଟ ବ୍ଲକ କେନ୍ଦୁଭଟା ସ୍ଥିତ ଦେବଦତ୍ତ କ୍ଲବରେ ନବ ନିର୍ବାଚିତ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ କ୍ଲବର ସମ୍ପାଦକ କାହ୍ନୁ ଚରଣ ମାଝି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିଭଳି ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ଦେବଦତ୍ତ କ୍ଲବ ସଫଳ ହେବ ସେଥିପାଇଁ ସାଂସଦ ଭାବରେ ସବୁବେଳେ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ଶ୍ରୀ ପୁରୋହିତ ପ୍ରକାଶ କରିଥିଲେ । ଶେଷଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅରବିନ୍ଦ ପାଢ଼ୀ ହେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର : ଆଡ଼ପ ପହଣ୍ଡିବେଳେ ଅଘଟଣ ପରେ ବରିଷ୍ଠ ଆଇ.ଏ.ଏସ୍ ଅଧିକାରୀ ଅରବିନ୍ଦ କୁମାର ପାଢ଼ୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରୂପେ ସରକାର ନିଯୁକ୍ତି ଦେଇଛନ୍ତି । ବୀର ବିକ୍ରମ ଯାଦବଙ୍କୁ ଏହି ପଦରୁ ହଟାଇ ଦିଆଯାଇଛି । ଶ୍ରୀ ପାଢ଼ୀ ତାଙ୍କର ମୂଳ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ । ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।



# ବିଧାୟକଙ୍କୁ ବସ୍ ମାଲିକ ସଂଘର ସମ୍ବର୍ଦ୍ଧନା




ଝାରସୁଗୁଡ଼ା : ଝାରସୁଗୁଡ଼ା ବସ୍ ମାଲିକ ସଂଘ ପକ୍ଷରୁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନା ସଭାରେ ସଂଘ ସଭାପତି ସଦାନନ୍ଦ ଦାଶ ଅଧକ୍ଷତା କରିଥିଲେ । ସଂଘ ପକ୍ଷରୁ ମହିଳା ଯାତ୍ରୀଙ୍କ ପାଇଁ ବିଶେଷ ପ୍ରତୀକ୍ଷାଳୟ, ବିଦ୍ୟୁତ ବିଭ୍ରାଟ ସମୟରେ ଜେନେରେଟର ଥାଇ ସୁଦ୍ଧା ବିଦ୍ୟୁତ ସେବାରୁ ବଞ୍ଚିତ, ଶୌଚାଳୟ ଅବ୍ୟବସ୍ଥା, ଠିକା ସଂସ୍ଥା ପକ୍ଷରୁ ପାନୀୟ ଜଳ ବ୍ୟବହାରକୁ ନେଇ ବାରଣ, ବସ୍ କର୍ମଚାରୀଙ୍କ ସହିତ ଠିକା ସଂସ୍ଥା ଅଧିକାରୀଙ୍କ ଦୁର୍ବ୍ୟବହାର, ପରିମଳ ଅବ୍ୟବସ୍ଥା ତଥା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟର ସମାଧାନ ପାଇଁ ବିଧାୟକ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବସ୍ ମାଲିକ ସଂଘର ଉପସଭାପତି ରାଜେଶ ସିଂ, ସଂପାଦକ ଦୀପକ ସାହୁ, କୋଷାଧକ୍ଷ ଶୁଭେନ୍ଦୁ ମହାପାତ୍ରଙ୍କ ସହିତ ସଂଘର ଅନେକ ସଦସ୍ୟ ପୁଷ୍ପଗୁଚ୍ଛ ଦେଇ ବିଧାୟକ ତ୍ରିପାଠୀଙ୍କୁ ସ୍ୱାଗତ କରିଥିଲେ ।

# ସମ୍ବଲପୁରରେ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ




ସମ୍ବଲପୁର : ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଇନଡୋର ଷ୍ଟାଡିୟମ ଠାରେ ୧୭ ବର୍ଷରୁ କମ୍ ବୟସ୍କ ସବ୍ ଜୁନିଅର ରାଜ୍ୟ ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଶ୍ରୀ ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ କୁମାର ନାଥ, ପୁରୁଖା ବ୍ୟାଡ଼ମିଣ୍ଟନ ଖେଳାଳୀ ସୁରଜିତ ମିଶ୍ର, ଝାରସୁଗୁଡ଼ା ବ୍ୟାଡ଼ମିଣ୍ଟନ ଏସୋସିଏସନର ସଂପାଦକ ଶୁଭମ ଶର୍ମା, ରାଜ୍ୟ ବ୍ୟାଡ଼ମିଣ୍ଟନ ଏସୋସିଏସନର ସଂପାଦକ ନିଲିନ କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡ଼ା ଅନ୍ୟାନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ପରିଚାଳନା ସଂପାଦକ ପ୍ରବୀଣ ବେହେରା ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ, ଟୁର୍ଣ୍ଣାମେଣ୍ଟର ସଂଯୋଜକ ଅଭିଶେକ ବିଶ୍ୱାସ ଓ ଜୟନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧ ଶହ ଖେଳାଳୀ ଏଥିରେ ଅଂଶ ଗ୍ରହଣ କରିଛନ୍ତି ।




# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ସମ୍ବଲପୁର: ଜମନକିରା ବ୍ଲକ ଫାଂଶିମାଲ ପଞ୍ଚାୟତ ଏବଂ କେନାଡ଼ିଆ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପକୁ



ଗ୍ରାମ୍ୟଉନ୍ନୟନ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଛନ୍ତି । ଫାଂଶୀମାଲ ଗସ୍ତରେ ଆସି ଫାଂଶିମାଲ ଡାକ୍ତଖାନାରେ ନୂତନ ନିର୍ମିତ ରୋଗୀ ପରୀକ୍ଷାଗାରକୁ ଉଦ୍‌ଘାଟନ କରିଥିଲେ । ଏଥିସହ ମନ୍ତ୍ରୀଙ୍କୁ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଯଥା ଡାକ୍ତର ଅଭାବ, ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ଏବଂ ସ୍ଥାୟୀ ଭାବରେ ଜଣେ ଇନଚାର୍ଜ ରହିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ । ଏ ନେଇ ମନ୍ତ୍ରୀ ନାଏକ ସମ୍ବଲପୁର ସିଡିଏମଓଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଯଥାଶୀଘ୍ର ଏ ସମସ୍ୟାକୁ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପରେ କେନାଡ଼ିପା ପଞ୍ଚାୟତକୁ ଯାଇ ଉଚ୍ଚ ମାଧମିକ ବିଦ୍ୟାଳୟରେ ପାଠ୍ୟକ୍ରମର ଉଦଘାଟନ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra